

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

Vol.5 | Issue- 46 | April 25 to May 1, 2022, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୪୬ | ଏପ୍ରିଲ୍ ୨୫ ରୁ ମଇ ୧, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ନବୀନଙ୍କ ଉତ୍ତରାଧିକାରୀ ଆସୁଛନ୍ତି

## ୨୦୨୪ ବିଜେଡିର ବ୍ଲୁ-ପ୍ରିଣ୍ଟ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପଞ୍ଚାୟତ ଓ ପୌର ନିର୍ବାଚନରେ ଏକତରଫା ସଫଳତା ପାଇଥିବା ବିଜେଡି ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ କସରତ ଆରମ୍ଭ କରିଛି। ବିଶେଷକରି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଚୟନ ଓ ନୂଆ ନେତୃତ୍ୱଙ୍କୁ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟାକୁ ଦଳ ଏବେ ଚୂଡାନ୍ତ ରୂପ ଦେବାକୁ ସଜାବାଜ ହେଉଛି। ନବୀନଙ୍କୁ ଦଳର ସୁପ୍ରିମୋ ପଦରେ ରଖାଇ ତାଙ୍କର ଉତ୍ତରାଧିକାରୀଙ୍କ ହାତରେ ରାଜ୍ୟ ଶାସନର ଡୋରି ଦେବାକୁ ପ୍ରସ୍ତୁତ ରଣନୀତିକୁ କାର୍ଯ୍ୟକାରୀ ନିମନ୍ତେ ଏବେଠୁ ଉଭୟ ସଂଗଠନ ଓ ମନ୍ତ୍ରୀମଣ୍ଡଳ ନେତୃତ୍ୱ ନିଷ୍ପତ୍ତି ନେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ପ୍ରକ୍ରିୟା ପୂର୍ବରୁ ସଂଗଠନକୁ ନୂଆ ରୂପ ଦେବାକୁ ବିଜେଡି ନେତୃତ୍ୱ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ବିଶେଷକରି ଦଳର ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ ପରିବର୍ତ୍ତନ କରିବା ସମେତ ମହିଳା, ଯୁବ ଓ ଛାତ୍ର ସଂଗଠନ କର୍ମକର୍ତ୍ତା ସ୍ତରରେ ମଧ୍ୟ ଅଦଳବଦଳ ହେବ ବୋଲି ଜଣାପଡିଛି। ଏହାସହିତ କିଛି ନେତାଙ୍କୁ ମଧ୍ୟ ସରକାରର ବିଭିନ୍ନ ପଦପଦବୀରେ ଥଇଥାନ କରାଯିବ ଓ କେତେକଙ୍କୁ ବାଦ୍ ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କୁ ସଂଗଠନ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଶନିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ନବୀନ



ନିବାସରେ ଜିଲ୍ଲା ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହି ପୌର ଓ ପଞ୍ଚାୟତ ନିର୍ବାଚନ ଫଳାଫଳର ସମୀକ୍ଷା ସହ କେଉଁଠି ତ୍ରୁଟି ରହିଛି ଓ କ'ଣ ସୁଧାରର ଆବଶ୍ୟକତା ରହିଛି ସେ ସମ୍ପର୍କରେ ମତାମତ ଦେବେ। ଜିଲ୍ଲାଓ୍ୱାରୀ ପର୍ଯ୍ୟବେକ୍ଷକମାନଙ୍କ ସହ ନବୀନ ଓ ତାଙ୍କ ପରାମର୍ଶଦାତା ନିଜେ ବୈଠକ କରିବେ। ଇତିମଧ୍ୟରେ ବିଜେଡିର ସମସ୍ତ ନବନିର୍ବାଚିତ ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତି ଏବଂ ପୌର ଅଧକ୍ଷ ଓ ଉପାଧ୍ୟକ୍ଷଙ୍କୁ ଭୁବନେଶ୍ୱର ଡକାଇ ସେମାନଙ୍କ ସହ ନବୀନଙ୍କ ପରାମର୍ଶଦାତା ନିଜେ ସିଧାସଳଖ ଆଲୋଚନା କରିଛନ୍ତି। ଏପରିକି ଏସବୁ ବୈଠକରେ ସଂପୃକ୍ତ ଅଞ୍ଚଳର ବିଧାୟକ ଓ ମନ୍ତ୍ରୀମାନଙ୍କୁ ବି ସାମିଲ୍ କରାଯାଇ ନ ଥିଲା।

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତା ନୂଆ ଢଙ୍ଗରେ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟାକୁ ଶେଷ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ଦାୟିତ୍ୱ ହସ୍ତାନ୍ତରକୁ ନେଇ କାଳେ ଦଳରେ ରିରୋଧାଭାସ ହେବ ସେଥିପାଇଁ ସାଂଗଠନିକ ସ୍ତରରେ ବି ବଡଧରଣର ଅଦଳବଦଳ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାପରେ ହିଁ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରି ବିଜେଡି ନିଜର ନୂଆ ମୁଖିଆଙ୍କୁ ସ୍ୱାଗତ ନିମନ୍ତେ ଆବଶ୍ୟକ ବ୍ଲୁ-ପ୍ରିଣ୍ଟକୁ କାର୍ଯ୍ୟକାରୀ ନିମନ୍ତେ ମାର୍ଗ ପ୍ରଶସ୍ତ କରିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଓଡ଼ିଶାରେ ଉଭୟ ବିଜେପି ଓ କଂଗ୍ରେସ ଏବେ ନିଜର ତ୍ରୁଟିପୂର୍ଣ୍ଣ ସାଂଗଠନିକ ରଣନୀତି ପାଇଁ ନିର୍ବାଚନରେ ବିଜେଡିକୁ ଟକ୍କର ଦେବା ଭଳି ସ୍ଥିତିରେ ନାହାଁନ୍ତି। ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ତୁଳନାରେ ଏହି ଦୁଇ ଦଳର ସ୍ଥିତି ଅତ୍ୟନ୍ତ ଦୟନୀୟ ରହିଥିଲେ ମଧ୍ୟ ତାକୁ ସୁଧାରିବା ଦିଗରେ ଏ ପର୍ଯ୍ୟନ୍ତ ଉଭୟ ବିଜେପି ଓ କଂଗ୍ରେସ ନେତୃତ୍ୱ ଆଗ୍ରହ ଦେଖାଇ ନାହାଁନ୍ତି। ବିଜେଡି ଶାସନ ପ୍ରତି ତୃଣମୂଳସ୍ତରରେ ଜନଆକ୍ରୋଶ ଥିଲେ ମଧ୍ୟ ସାଧାରଣ ଲୋକଙ୍କ ନିକଟତର ହେବାରେ ଉଭୟ ବିଜେପି ଓ କଂଗ୍ରେସ ଫେଲ୍ ମାରିଛନ୍ତି। ଆଉ ଦୁଇ ପ୍ରମୁଖ ବିରୋଧୀ ଦଳର ଏଭଳି ଦୁଃସ୍ଥିତକୁ ସୁଯୋଗ ଭାବେ ନେଇ ବିଜେଡି ନିଜର ଉତ୍ତରାଧିକାରୀ ଚୟନ ଓ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟାକୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ କରିବାକୁ ଯାଉଥିବା ଜଣାପଡିଛି।

ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ଅନେକ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ମାଳମାଳ ଅଭିଯୋଗ ଆସିବା ସତ୍ତ୍ୱେ ଗତ ୩ ବର୍ଷ ମଧ୍ୟରେ ମନ୍ତ୍ରୀମଣ୍ଡଳରେ ସାମାନ୍ୟତମ ଅଦଳବଦଳ ନବୀନ କରିନାହାଁନ୍ତି। ଖାସ୍ ଏଥିପାଇଁ ମନ୍ତ୍ରୀମଣ୍ଡଳରେ ପରିବର୍ତ୍ତନ ପୂର୍ବରୁ ସଂଗଠନକୁ ନୂଆ ରୂପ ଦେବାକୁ ବିଜେଡି ନେତୃତ୍ୱ ନିଷ୍ପତ୍ତି ନେଇଥିବା ଜଣାପଡିଛି।

# ଆଗାମୀ ୩ରୁ ୪ ସପ୍ତାହ ଗୁରୁତ୍ୱପୂର୍ଣ୍ଣ-ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବର୍ତ୍ତମାନ ଓଡ଼ିଶାରେ ଉଦ୍‌ବେଗ ଜନକ ସ୍ଥିତି ନାହିଁ। ତଥାପି ଆଗାମୀ ୩ରୁ ୪ ସପ୍ତାହ ଆମମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ

## କରୋନାର ଭୟାବହତା

ଆହୁରି ମଧ୍ୟ କହିଛନ୍ତି ଯେ, ପୂର୍ବ ଲହର ଗୁଡିକରେ ଦେଖାଯାଇଛି ଦିଲ୍ଲୀରେ ସଂକ୍ରମଣ ବଢିବାର ମାସକ ପରେ ଆମର ଏଠି ସଂକ୍ରମଣ ବଢେ। ତେଣୁ ଏଇ ସମୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ। ଯେଉଁମାନେ ଟୀକା ନେଇ ନାହାଁନ୍ତି ତୁରନ୍ତ ନେଇଯାଆନ୍ତୁ। ଯଦି




ସଂକ୍ରମଣ ବଢିବା ଆରମ୍ଭ କରେ, ତେବେ ଆମର ହସ୍ପିଟାଲ୍ ବା ଟ୍ରିଟମେଣ୍ଟ ଷ୍ଟ୍ରାଟେଜି ଚେଞ୍ଜ କରିବୁ।ନିହାତି କାମ ନ ଥିଲେ ଭିଡ ସ୍ଥାନଠୁ ଦୂରେଇ ରୁହନ୍ତୁ। ଗହଳି ସ୍ଥାନକୁ ଗଲେ ମାକ୍ସ ନିହାତି ପିନ୍ଧନ୍ତୁ। କିଛି ରାଜ୍ୟରେ ସଂକ୍ରମଣ ବଢିବା ଆରମ୍ଭ କରିଛି। ତେଣୁ ସଂକ୍ରମଣ ବଢିବା ସହ ଆଉ ଭ୍ୟାଲୁ ବି ବଢିବ।

# ଉଷା ପାଢୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡ଼ିଶା କ୍ୟାଡରର ବରିଷ୍ଠ ଆଇଏଏସ୍ ଉଷା ପାଢୀ ହାସଲ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ପ୍ରଶାସିକା ପୁରସ୍କାର। ସାଧାରଣ ପ୍ରଶାସନ ଦିବସ ଉପଲକ୍ଷେ ତାଙ୍କୁ ନୂଆଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଜ୍ଞାନ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ। ଉଷା ପାଢୀ ବର୍ତ୍ତମାନ ବେସାମରିକ ବିମାନ ଚଳାଚଳ ବିଭାଗର ଯୁଗ୍ମ ସଚିବ ରହିଛନ୍ତି। ତାଙ୍କ ସମୟରେ ଉଡାନ ପରି ଏକ ଲୋକପ୍ରିୟ ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ଦେଶର ଛୋଟ ଛୋଟ ସହରକୁ ବିମାନ ସଂଯୋଗ କରିବା ଉଦ୍ଦେଶ୍ୟ ଥିଲା। ଯାହାକୁ ଦକ୍ଷତାର ସହ ପରିଚାଳନା କରିଛନ୍ତି ଉଷା ପାଢୀ। ସେଥିପାଇଁ ଏହି ସମ୍ମାନରେ ତାଙ୍କୁ ସମ୍ମାନୀତ କରାଯାଇଛି।

# କେନ୍ଦୁଝରରେ ୫-ଟି ସଚିବ

**ଯୋଡ଼ା(ସଂପର୍କବାର୍ତ୍ତା):-** ଶୁକ୍ରବାର କେନ୍ଦୁଝର ଗସ୍ତରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆସିଥିଲେ। ତାଙ୍କ ସହିତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଅନୁ ଗର୍ଗ ବି ଯାଇଥିଲେ। ପ୍ରଥମେ ବାସୁଦେବପୁର ନିକଟରେ ଥିବା କାନପୁରର ବୃହତ ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରିବା ପରେ ଜଳ ସମ୍ପଦ ବିଭାଗ ଡାକ ବଙ୍ଗଳାରେ ପ୍ରକଳ୍ପର ତ୍ୱରିତ କାର୍ଯ୍ୟକାରିତାକୁ ନେଇ ସମୀକ୍ଷା କରିଥିଲେ। ଏହାପରେ ବାସୁଦେବପୁର କନ୍ୟାଶ୍ରମରେ ପହଞ୍ଚି



## ପାଣ୍ଡିଆନ୍ କନ୍ୟାଶ୍ରମରେ ଛାତ୍ରୀଙ୍କ ସହିତ ଖାଇଲେ ମଧ୍ୟାହ୍ନ ଭୋଜନ

୫-ଟି ଅଧୀନରେ ହୋଇଥିବା ରୂପାନ୍ତିକରଣ କାର୍ଯ୍ୟର ତଦାରଖ କରିବା ସହିତ ୫-ଟି ସଚିବ ଛାତ୍ରୀମାନଙ୍କ ସହିତ ଖେଳିଥିଲେ। ଏଥିସହିତ କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟେକ ଘରେ କିଭଳି ପିଇବା ପାଣି ପହଞ୍ଚି ପାରିବ ତାହାର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ଗସ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମଧ୍ୟ ଉପସ୍ଥିତ ଥିଲେ।

# ସିଏମ୍‌ସି ବକେୟା ଟଙ୍କା ଆଦାୟ କରିପାରୁନି !

**କଟକ(ତପନ ମହାନ୍ତି):-** ସିଏମ୍.ସି ରାଜସ୍ୱର ଏକ ପ୍ରମୁଖ ଉତ୍ସ ହେଉଛି ହୋର୍ଡ଼ି ଟିକସ ମାତ୍ର, ବିଭିନ୍ନ ଏଜେନ୍ସି ପାଖରେ ନିଗମର ଦେଢ଼ କୋଟିରୁ ଅଧିକ ଟଙ୍କା ଦୁଇବର୍ଷ ହେଲା ବାକି ଗଡୁଛି। ସେପଟେ, ଟିକସ ଦେଇ ନଥିବା ଏଜେନ୍ସିଙ୍କୁ ନିଗମ କର୍ତ୍ତୃପକ୍ଷ କେବଳ ଚିଠି କରିଦେଇ ବସି ପଡ଼ିଛନ୍ତି। ନିଗମରେ କରୋନାପାଇଁ ରାଜସ୍ୱ ଢେର କମିଥିବା ବେଳେ କର୍ତ୍ତୃପକ୍ଷ ହୋର୍ଡ଼ିଂ ଟିକସ ଆଦାୟଉପରେ ଗୁରୁତ୍ୱ ନେଦେବା ନାନାଦି ପ୍ରଶ୍ନ ଛିଡ଼ା କରିଛି।

ସହରର ବିଭିନ୍ନ ସ୍ଥାନରେ ହୋର୍ଡ଼ିଂ ଲଗାଇବାପାଇଁ ମହାନଗର ନିଗମ ବିଭିନ୍ନ ବିଜ୍ଞାପନ ଏଜେନ୍ସିଠାରୁ ଟିକସ ଆଦାୟ କରିଥାଏ। ଗତ ଦୁଇବର୍ଷ ହେଲା କୋଭିଡ୍ କାରଣରୁ ନିଗମର ମୋଟା ଅଙ୍କର ଟିକସ ଛାଡ଼ କରିବାକୁ ବି ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ୨୦୨୦-୨୧ ଓ ୨୦୨୧-୨୨ ଦୁଇବର୍ଷରେ ନିଗମର ଦେଢ଼ କୋଟିରୁ ଅଧିକ ଟଙ୍କା ହୋର୍ଡ଼ିଂ ଟିକସ ବାବଦକୁ ବାକି ପଡ଼ିଛି। ସିଏମ୍‌ସି ପକ୍ଷରୁ ୨୦୨୦ରୁ ୨୦୨୨ ମଧ୍ୟରେ ଏକାଧିକ ବାର ଟଙ୍କା ପୈଠ ଟିକସ ବାବଦ ଟଙ୍କା ଦାଖଲ ନ କରିଲେ ସେମାନଙ୍କ ଦ୍ୱାରା ଲଗାଯାଇବା ବିଜ୍ଞାପନକୁ ନଷ୍ଟ କରିବାକୁ ଚିଠି ମାଧ୍ୟମରେ ଚେତାବନୀ ବି ଦିଆଯାଇଛି। ମାତ୍ର ଏହା ମଧ୍ୟରେ ୨ ବର୍ଷ ବିତି ଯାଇଥିଲେ ବି ଏଜେନ୍ସିଗୁଡ଼ିକ ଟଙ୍କା ପୈଠ କରି ନାହାନ୍ତି କି ନିଗମ ପକ୍ଷରୁ କାହାରି ବିଜ୍ଞାପନ ନଷ୍ଟ କରିବା ଦେଖାଯାଇନାହିଁ। ଅନ୍ୟପଟେ କରୋନା ପାଇଁ ୨୦୨୦ରୁ ୨୦୨୨ ଦୁଇବର୍ଷର ହୋର୍ଡ଼ିଂ ଟିକସରୁ କିଛି ପରିମାଣ ଛାଡ଼ କରିବାକୁ ଏଜେନ୍ସିଗୁଡ଼ିକ ପକ୍ଷରୁ ସିଏମ୍‌ସି ନିକଟରେ ଦାବି କରାଯାଇଥିଲା। ନିଗମ ଏହା ଉପରେ ଚିନ୍ତା କରି ୩୦ ପ୍ରତିଶତ ଛାଡ଼ କରିବାକୁ ନିଷ୍ପତ୍ତି ନେଇ ଅନୁମୋଦନ ପାଇଁ କାଉନସିଲ୍‌କୁ ପଠାଯାଇଥିଲା। ତେବେ, ଏ ଯାବତ୍ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରିନାହିଁ। ସେପଟେ, ସିଏମ୍‌ସିରେ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜସ୍ୱ କମିଥିବାବେଳେ ହୋର୍ଡ଼ି ଟିକସ ବାବଦକୁ ଦେଢ଼କୋଟି ଟଙ୍କା ବାକି ଗଡୁଛି। ଏହାକୁ ଆଦାୟ ପାଇଁ ଉଦ୍ୟମ କରା ନ ଯିବା ବିଷୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜ୍ଞାପନ ଏଜେନ୍ସିଙ୍କ ଠାରୁ ବାକେୟା ଟଙ୍କା ଆଦାୟ ପାଇଁ ଚିଠଇ କରାଯାଇଛି। ଟଙ୍କା ନଦେଲେ ସେମାନଙ୍କ ବିଜ୍ଞାପନକୁ ଆସନ୍ତା ଦିନରେ ନଷ୍ଟ କରାଯିବ ବୋଲି ନିଗମର ସଚିବ ଲତାଶ୍ରୀ ବାଗ କହିଛନ୍ତି।

# ଶ୍ରୀମନ୍ଦିର କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି, ପ୍ରଶଂସନୀୟ-କେନ୍ଦ୍ରୀୟ କମିଟି

**ପୁରୀ(ସଂପର୍କବାର୍ତ୍ତା):-** ଶ୍ରୀମନ୍ଦିର ପ୍ରକଳ୍ପକୁ କେନ୍ଦ୍ର ସଂସଦୀୟ ଟିମର ପ୍ରଶଂସା। ଶ୍ରୀମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ଓ ବିକାଶ କାର୍ଯ୍ୟ ଠିକ୍ ଚାଲିଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି, ପର୍ଯ୍ୟଟନ ଓ ପରିବହନ ବିଭାଗ ସଂସଦୀୟ କମିଟି ପୁରୀ ଗସ୍ତ କରି ଏପରି ପ୍ରତିକ୍ରିୟା ରଖିଛନ୍ତି। ଟି ଜି ଭେଙ୍କଟେଶଙ୍କ ଅଧ୍ୟକ୍ଷତାରେ ଟିମ୍ ପୁରୀ ଆସି ଶ୍ରୀମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ଓ




## ବିରୋଧୀଙ୍କ ଗାଲରେ ଚାପୁଡା !

ବିକାଶ କାର୍ଯ୍ୟ ଠିକ୍ ଚାଲିଛି କି ନାହିଁ ତାହାର ତଦାରଖ କରିଛି। ଜି ଭେଙ୍କଟେଶଙ୍କ ଅଧ୍ୟକ୍ଷତାରେ ଆସିଥିବା ଟିମ୍‌ରେ ୧୬ଜଣ ସଂସଦ ପ୍ରତିନିଧିଙ୍କ ସମେତ ଅନ୍ୟ ୬ ଜଣ ଅଫିସିଆଲ ରହିଛନ୍ତି। ଏହି ଟିମ୍ ସହ ଏଏସ୍‌ଆଇ ଏଡିଜି ମଧ୍ୟ ଆସିଛନ୍ତି। ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ଆବଶ୍ୟକ। ଆହୁରି ଅଧିକ ଉନ୍ନତିର ଆବଶ୍ୟକତା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଶି କାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ ବୋଲି ସଂସଦୀୟ କମିଟି ରାମ ଦାସ ତଡାସ କହିଛନ୍ତି।

# ଅପରାଜିତାଙ୍କୁ ଦଳକୁ ଆଣିଲା କିଏ ?

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟ ମହିଳା ମୋର୍ଚ୍ଚା ଟାର୍ଗେଟ୍‌ରେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ! ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀଙ୍କୁ ଟାର୍ଗେଟ୍ କରିଛନ୍ତି ରାଜ୍ୟ ମହିଳା ମୋର୍ଚ୍ଚା ଆଇଟି ସେଲ୍ ସଂଯୋଜିକା। ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ପୋଷ୍ଟ କରି ସିଧାସଳଖ **ଅପରାଜିତା ଷଡଙ୍ଗୀଙ୍କୁ ଟାର୍ଗେଟ୍ କରି ସେ ଅନକେ ଗୁଡିଏ କଥା ଲେଖିଛନ୍ତି। ଏପରିକି ତାଙ୍କୁ ଦଳକୁ ଆଣିଲା କିଏ ବୋଲି ପ୍ରଶ୍ନ କରିଛନ୍ତି।** ବାସ୍ତବରେ ଓଡ଼ିଶାରେ ବିଜେପିର ମଙ୍ଗୁଆଳ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୁହାଯାଏ। ଦଳରେ ତାଙ୍କ ବିନା ଇଙ୍ଗିତରେ ପତ୍ରଟିଏ ବି ହଲେନି। ନିର୍ବାଚନରେ କିଏ ଟିକେଟ୍ ପାଇବ ଠାରୁ ଆରମ୍ଭ କରି କିଏ ରାଜ୍ୟ ସଭାପତି ହେବ, ଅନ୍ୟାନ୍ୟ ପଦାଧିକାରୀ ସବୁ କିଏ ହେବେ, କିଏ ଜିଲ୍ଲା ସଭାପତି ହେବ, ମିଶ୍ରଣ ପର୍ବ କରି ଦଳରେ କାହାକୁ ମିଶାଯିବ ସବୁ ନିଷ୍ପତ୍ତି ମନ୍ତ୍ରୀଙ୍କର। କିନ୍ତୁ, ଅପରାଜିତା ଷଡଙ୍ଗୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଘଟିଗଲା। ଅପରାଜିତା ସିଧାସଳଖ ମୋଦି/ପିଏମ୍‌ଓ ଯୋଗାଯୋଗରେ




ବିଜେପିରେ ଯୋଗଦେଲେ ବୋଲି କୁହାଯାଏ। ଯାହା କି ନାଁ, ମନ୍ତ୍ରୀଙ୍କୁ ନାଁ ରାଜ୍ୟ ବିଜେପିରେ ତାଙ୍କ ଅନୁଗତମାନଙ୍କୁ ହଜମ ହେଲା। ସେବେଠାରୁ ଧର୍ମେନ୍ଦ୍ର ଏବଂ ଅପରାଜିତାଙ୍କ ମଧ୍ୟରେ ଏକ ଶୀତଳ ଯୁଦ୍ଧ ଚାଲିଆସିଲା। ବିଜେଡି ସରକାରଙ୍କୁ ଅପରାଜିତା ଟାର୍ଗେଟ୍ କରିବାରେ କିମ୍ବା ବିଜେଡି ସରକାର ପକ୍ଷରୁ ଅପରାଜିତାଙ୍କୁ ଟାର୍ଗେଟ୍ କରାଯିବାରେ ଅନେକ ଥର ଏକାକୀ ଲଢି ଆସିଛନ୍ତି ଅପରାଜିତା। ରାଜ୍ୟ ବିଜେପିର ଆଗ ଧାଡିର ଧର୍ମେନ୍ଦ୍ରଙ୍କ ଅନୁଗତ (ପୃଷ୍ଠା-୨)

# ଜଗତସିଂହପୁରରେ ୫୦ ପେଟ୍ରୋଲିଂ ବାଇକ୍ ବୁଲିବ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ପୋଲିସ୍ ମୁଖ୍ୟାଳୟରେ ଗତ ଶୁକ୍ରବାର ଦିନ ୫୦ଟି ପାଟ୍ରୋଲିଂ ମଟର ସାଇକେଲ୍‌କୁ ଲୋକାର୍ପିତ କରାଯାଇଛି।

## ଅପରାଧିଙ୍କ ବଢିଲା ଟେନ୍‌ସନ୍

ଜଗତସିଂହପୁର ସହରରେ ଏଥର ଏକାଥରକେ ୫୦ ମଟର ସାଇକେଲ ପାଟ୍ରୋଲିଂ ପାଇଁ ଘୂରି ବୁଲିବ। ଅପରାଧରେ ଲାଗିବ ରୋକ, ସହରରେ ଚକର କାଟିବ ୫୦ ପାଟ୍ରୋଲିଂ ବାଇକ।



ସହରରେ ଶାନ୍ତି ଶୃଙ୍ଖଳିତ ରକ୍ଷା ଦିଗରେ ଏହା ସହାୟକ ହେବ। ସହରକୁ ଅପରାଧ ମୁକ୍ତ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ୫୦ ଜଣ ପୋଲିସ୍ କର୍ମଚାରୀଙ୍କୁ ୫୦ଟି ବାଇକ ପ୍ରଦାନ କରାଯାଇଛି। ଏହା ସହରରେ ଅପରାଧ ନିୟନ୍ତ୍ରଣ ଦିଗରେ ସହାୟକ ହେବ ବୋଲି କୁହାଯାଇଛି।

# ପ୍ରେମ କରି ଫସିଲେ ଅତିରିକ୍ତ ତହସିଲ୍‌ଦାର

**ରାଜଗାଙ୍ଗପୁର(ସଂପର୍କବାର୍ତ୍ତା):-** ପ୍ରଥମେ ପ୍ରେମ। ତା' ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ। ଆଉ ଶେଷରେ ପ୍ରତାରଣା। ଜଣେ ଅତିରିକ୍ତ ତହସିଲଦାରଙ୍କ ଠାରୁ ଏପରି ଧୋକା ଖାଇଛନ୍ତି ଜଣେ ଯୁବତୀ। ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକାର ଅତିରିକ୍ତ ତହସିଲଦାର ଥିବା ରୂପକ କୁଜୁର। ଗତକାଲି ଯୁବତୀ ଜଣକ ରାଜଗାଙ୍ଗପୁର ଥାନାର ତାଙ୍କ ନାଁରେ ଅଭିଯୋଗ କରିଥିଲେ। ପୋଲିସ୍ ତାଙ୍କର ଡାକ୍ତରୀମାଇନା କରି ଅତିରିକ୍ତ ତହସିଲ୍‌ଦାରଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁସାରେ, ଅତିରିକ୍ତ ତହସିଲ୍‌ଦାର ରୂପକଙ୍କ ଘର ରାଜଗାଙ୍ଗପୁର ଥାନା ଲାଞ୍ଜିବାନା ଫାଣ୍ଡି ଅନ୍ତର୍ଗତ ଅଲଣ୍ଡା ଗାଁରେ। ସେ ନିଜ ଗାଁରେ ଜଣେ ଯୁବତୀଙ୍କୁ ୨୦୦୮ ମସିହାରୁ ପ୍ରେମ କରୁଥିଲେ। ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ରୂପକ ଅନ୍ୟ ଜଣେ ମହିଳାଙ୍କୁ କୋର୍ଟରେ ବିବାହ କରିଥିବା ଯୁବତୀ ଜଣଙ୍କ ଜାଣିବାକୁ ପାଇଥିଲେ। ଯୁବତୀ ଜଣଙ୍କ ଏହି ବିଷୟରେ ରୂପକକୁ ପଚାରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁବତୀ ଜଣଙ୍କ ଗତକାଲି ରୂପକଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ରୂପକଙ୍କ ଡାକ୍ତରୀମାଇନା କରି ଗିରଫ କରି କୋର୍ଟ ଚାଲାଣ କରିଛି। ଏ ମାମଲାରେ ଅଭିଯୋଗକାରିଣୀ କିମ୍ବା ଅଭିଯୁକ୍ତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମୋଦି ମୋର ଖାସ୍ ଦୋସ୍ତ:ବ୍ରିଟେନ୍ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ଭାରତ ଗସ୍ତର ଦ୍ୱିତୀୟ ଦିନ। ଏହି ଅବସରରେ ତାଙ୍କୁ ରାଷ୍ଟ୍ରପତି ଭବନରେ ଗାର୍ଡ ଅଫ୍ ଅନର ଦିଆଯାଇ ଭବ୍ୟ ସାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବୋରିସ୍ ଜନସନ୍‌ଙ୍କୁ ସାଗତ କରିଛନ୍ତି। ଏଭଳି ଭବ୍ୟ ଓ ପରମ୍ପରାଗତ ସାଗତ ସମ୍ବର୍ଦ୍ଧନା ପାଇଁ ବ୍ରିଟିଶ୍ ପିଏମ୍ ଗଦ୍‌ଗଦ୍ ହୋଇଯାଇଛନ୍ତି। ତେବେ ଏହି ଆଲୋଚନାରେ ଦୁଇ ଦେଶ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ହୋଇଛି। ଦୁଇ ଦିଗଜ ନେତାଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ବାର୍ତ୍ତା ହୋଇଛି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ହୋଇଛି।

ଏହି ଅବସରରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ମିଳିତ ପ୍ରତିକ୍ରିୟା ଦେଇଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ କହିଛନ୍ତି ଯେ, ନରେନ୍ଦ୍ର ମୋର ଖାସ୍ ଦୋସ୍ତ ! ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଦୁଇ ଦେଶ ନିକଟତର ହୋଇଛନ୍ତି। ଆଜି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ଆଲୋଚନା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିଛି। ଗୁଜୁରାଟରେ ଭବ୍ୟ ସାଗତକୁ ଦେଖି ମୋତେ ସଚିନ ତେନ୍ଦୁଲକର ଓ ଅମିତାଭ ବଚ୍ଚନଙ୍କ ଭଳି ଅନୁଭବ ହେଉଛି।



ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଗତ କିଛି ବର୍ଷ ହେଲା ଭାରତ ଓ ବ୍ରିଟେନ୍ ମଧ୍ୟରେ ସମ୍ପର୍କ ସୁଦୃଢ କରିବାରେ ବୋରିସ୍ ଜନସନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏବେ ଭାରତ ଯେତେବେଳେ ଆଜାଦିର ଅମୃତ ମହୋତ୍ସବ ପାଳନ କରୁଛି ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ଭାରତରେ ଉପସ୍ଥିତି ଏକ ଐତିହାସିକ ମୂହୁର୍ତ୍ତ ପ୍ରଧାନମନ୍ତ୍ରୀ ରୂପରେ ଜନସନ୍‌ଙ୍କର ଏହା ପ୍ରଥମ ଭାରତ ଯାତ୍ରା ହୋଇଥିଲେ ମଧ ଜଣେ ପୁରୁଣା ବନ୍ଧୁ ରୂପରେ ସେ ଭାରତକୁ ଖୁବ୍ ଭଲ ଭାବରେ ବୁଝନ୍ତି।

ତେବେ ଏହି ଅବସରରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ଫ୍ରି ଟ୍ରେଡ୍ ଉପରେ ଆଲୋଚନା ହୋଇଛି। ଜଳବାୟୁ ଏବଂ ଉର୍ଜା ପାର୍ଟନରସିପ୍ ଉପରେ ଅଧିକ କାମ କରିବାକୁ ବୁଝାମଣା ହୋଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଆମେ ଆଗକୁ ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବଢାଇବୁ। ଭାରତର ରାଷ୍ଟ୍ରୀୟ ହାଇଡ୍ରୋଜେନ୍ ମିଶନରେ ସାମିଲ କରିବା ପାଇଁ ବ୍ରିଟେନ୍‌କୁ ଆମନ୍ତ୍ରଣ କରାଯାଇଛି। ସେହିପରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ ବିପତ୍ତିପୂର୍ଣ୍ଣ ପରିସ୍ଥିତିରେ ଭାରତ ଓ ବ୍ରିଟେନ ନିକଟତର ହୋଇଛନ୍ତି। ଦୁଇ ଦେଶ ମଧ୍ୟରେ ସୁରକ୍ଷା ବୁଝାମଣା ବଢାଇବାକୁ ଚର୍ଚ୍ଚା ହୋଇଛି। ଫାଇଟର୍ ଜେଟ୍ ଟେକ୍‌ନିକ୍ ଠାରୁ ନେଇ ସାମୁଦ୍ରିକ ଟେକ୍‌ନିକ୍ ପର୍ଯ୍ୟନ୍ତ ଭାରତ ସହ ସେୟାର କରିବାକୁ ବୁଝାମଣା ହୋଇଛି।

# ବିଶ୍ୱକୁ ୟୁକ୍ରେନ୍ ସୈନ୍ୟଙ୍କ ଆକୁଳ ନିବେଦନ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନ୍ ସହର ମାରିଉପୋଲ୍‌ରେ ଥିବା ୟୁକ୍ରେନୀୟ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ ଋଷ ପକ୍ଷରୁ ଦିଆଯାଇଥିବା ସମୟସୀମା ଶେଷ ହୋଇଯାଇଛି। ମାତ୍ର ୟୁକ୍ରେନୀୟ ସୈନ୍ୟମାନେ ଆତ୍ମସମର୍ପଣ କରିବାକୁ

## ଆମର ଶେଷ ସମୟ ଆସିଯାଇଛି।

ମନା କରିବା ସହ ଜୀବନର ଶେଷ ଲଢେଇ ପାଇଁ ପ୍ରସ୍ତୁତ ହେଉଛନ୍ତି। ମାରିଉପୋଲର ଏକ ଷ୍ଟିଲ୍ ପ୍ଲାଣ୍ଟ ପରିସରରେ ଲୁଚିଥିବା ୟୁକ୍ରେନୀୟ ସୈନ୍ୟମାନେ ଜୀବନର ଅନ୍ତିମ ସଂଗ୍ରାମ ପାଇଁ ପ୍ରସ୍ତୁତ ହେଉଛନ୍ତି।




ଋଷ ସୈନ୍ୟଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନେ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ୟୁକ୍ରେନୀୟ ସୈନ୍ୟ କମାଣ୍ଡର କେରହିଭ ବୋଲିନା କହିଛନ୍ତି ଯେ ସେମାନଙ୍କ ଜୀବନର ଅନ୍ତିମ କିଛି ଦିନ ବାକି ରହିଯାଇଛି। ରୁଷୀୟ ସୈନ୍ୟଙ୍କ ସଂଖ୍ୟା ସେମାନଙ୍କ ତୁଳନାରେ ୧୦ଗୁଣ ରହିଛି। ଏଣୁ ସେ ସହାୟତା ପାଇଁ ବିଶ୍ୱ ସମୁଦାୟକୁ ନିବେଦନ କରିଛନ୍ତି।

ଋଷ ଗଣମାଧ୍ୟମର ଦାବି ଅନୁସାରେ ଉକ୍ତ ଷ୍ଟିଲ୍ ପ୍ଲାଣ୍ଟ ପରିସରରେ ପ୍ରାୟ ୨୫୦୦ ୟୁକ୍ରେନ୍ ସୈନ୍ୟ ଓ ୪୦୦ ବିଦେଶୀ ସୈନ୍ୟ ଲୁଚି ରହିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍ ପକ୍ଷରୁ କୁହାଯାଇଛି ଯେ, ସେହି ଷ୍ଟିଲ୍ ପ୍ଲାଣ୍ଟରେ ୧ ହଜାରରୁ ଅଧିକ ସାଧାରଣ ନାଗରିକ ରହିଛନ୍ତି।

ଋଷ ପକ୍ଷରୁ ବାରମ୍ବାର ଆତ୍ମସମର୍ପଣ ପାଇଁ ଆହ୍ୱାନ ଦିଆଯାଇଥିଲେ ବି ୟୁକ୍ରେନ୍ ପକ୍ଷରୁ ତାହାକୁ ଅଗ୍ରାହ୍ୟ କରିଦିଆଯାଇଛି। ଏଣୁ କୌଣସି ସମୟରେ ଋଷ ସେନା ଆଜଭଷ୍ଟାଲ ନାମକ ଉକ୍ତ କାରଖାନା ଉପରେ ଚଢଉ କରିବାର ସମ୍ଭାବନା ରହିଛି।

# ପ୍ରଧାନମନ୍ତ୍ରୀ ହେବ ତ ଏମିତି, ଖାଇବାକୁ ଯିବ ହେଲିକପ୍ଟର ନେଇ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପାକିସ୍ତାନର ପ୍ରଧାନମନ୍ତ୍ରୀ ପଦବୀରୁ ହଟିବା ପରେ ବିବାଦ ଘେରରେ ଛନ୍ଦି ହୋଇଗଲେଣି ଇମ୍ରାନ୍ ଖାନ୍। ପୂର୍ବରୁ ବିଦେଶରୁ ମିଳିଥିବା ଉପହାର ବିକ୍ରି କରିବା ଅଭିଯୋଗ ଆସିଥିବା ବେଳେ ଏବେ ସାମ୍ନାକୁ ଆସିଛି

## ୩ ବର୍ଷରେ ଖର୍ଚ୍ଚ ୫୫ କୋଟି

ଇମ୍ରାନ୍‌ଙ୍କ ପିଛା ଖର୍ଚ୍ଚ ହୋଇଥିବା ଅର୍ଥର ଲମ୍ବା ଚିଠା। ହେଲିକପ୍ଟର ଯୋଗେ ବାସଭବନରୁ ସଚିବାଳୟ ଯିବାଆସିବା କରୁଥିଲେ ଇମ୍ରାନ୍। ୩ ବର୍ଷ ୮ ମାସର ପ୍ରଧାନମନ୍ତ୍ରୀତ୍ୱ କାଳରେ ଇମ୍ରାନ୍ ତାଙ୍କ ବାସଭବନରୁ ସଚିବାଳୟ ଯିବା ଆସିବାରେ ରାଜକୋଷରୁ ଖର୍ଚ୍ଚ ହୋଇଛି ୫୫ କୋଟି ଟଙ୍କା। ପାକିସ୍ତାନର ନୂଆ ଅର୍ଥମନ୍ତ୍ରୀ ମିଫତାହ ଇସ୍ମାଇଲ୍ ଏ ନେଇ ସୂଚନା ଦେଇଛନ୍ତି।



ସୂଚନାଯାୟୀ, ଇମ୍ରାନ୍ ଖାନ୍ ପ୍ରଧାନମନ୍ତ୍ରୀ ଥିବା ସମୟରେ ତାଙ୍କ ବାସଭବନରୁ ସଚିବାଳୟ ହେଲିକପ୍ଟର ଯୋଗେ ଯିବା ଆସିବା କରୁଥିଲେ। ଏଥି ପାଇଁ ବିବାଦ ଘେରକୁ ମଧ ଆସିଥିଲେ। ହେଲେ ଇମ୍ରାନ୍‌ଙ୍କ ମନ୍ତ୍ରୀମଣ୍ଡଳରେ ଥିବା ସୂଚନା ମନ୍ତ୍ରୀ ଫରାଦ ଚୌଧୁରୀ ଏହି ଦାବିକୁ ଖାରଜ କରିଥିଲେ। ତେବେ ଇମ୍ରାନ୍‌ଙ୍କ ବିରୋଧରେ ଏବେ ଆଉ ଏକ ନୂଆ ଅଭିଯୋଗ ଆଣିଛନ୍ତି ବର୍ତ୍ତମାନର ଅର୍ଥ ମନ୍ତ୍ରୀ। ସେ କହିଛନ୍ତି ଯେ, ଇମ୍ରାନ୍‌ଙ୍କ ସରକାର ତାଙ୍କ ସମୟରେ ବିଜୁଳି କ୍ଷେତ୍ରରେ ୨,୫୦୦ ଅରବ ଟଙ୍କାର ଋଣ କରିଛନ୍ତି। ସେହିପରି ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ୧,୫୦୦ ଅରବର ଋଣ କରିଛନ୍ତି।

ଅପରପକ୍ଷରେ, ୨୦୧୮ ପରଠାରୁ ଇମ୍ରାନ୍‌ଙ୍କୁ ବିଦେଶରୁ ମିଳିଥିବା ସମସ୍ତ ଉପହାର ତାଲିକା ସାର୍ବଜନୀନ କରିବାକୁ ଇସ୍‌ଲାମାବାଦ ହାଇକୋର୍ଟ ଡେପୁଟି ଆଟର୍ଣ୍ଣି ଜେନେରାଲ୍ ଅରଶଦ କୟାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସୁନ୍ଦର ପୃଥିବୀକୁ ଆହୁରି ସୁନ୍ଦରତା କରିବା ଦରକାର-ରାଜ୍ୟପାଳ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସକଳ ସୃଷ୍ଟି ଆଦିଶକ୍ତିରୁ ଉତ୍ପନ୍ନ। ମହିଳାମାନେ ହେଉଛନ୍ତି ଆଦିଶକ୍ତି କ୍ରିୟାଶୀଳ ରୂପ। ସର୍ଜଜଶୀଳତା ସେମାନଙ୍କର ସାଭାବିକତା। ସେହି ଶକ୍ତିର ସଫଳ ଉପଯୋଗରେ ଜଗତର ମଙ୍ଗଳ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି।

ଆଜି ରାଜଭବନରେ ଇଣ୍ଡିଆନ ଚ୍ୟାମ୍ବର ଅଫ କମର୍ସ ଉଇମେନ୍ସ ଏଣ୍ଟ୍ରିପ୍ରେନରସିପ୍ କମିଟି ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ ଯେ, ଏ ପୃଥିବୀ ସୁନ୍ଦର ଏବଂ ଏହାକୁ ଆହୁରି ସୁନ୍ଦରତର କରିବାର ପ୍ରାୟସରେ ଅଛି ଜୀବନର ସାର୍ଥକତା। ସମାଜର ବୃହତ୍ତର କଲ୍ୟାଣ ମହିଳା ଉଦ୍ୟୋଗୀଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ। ଇଣ୍ଡିଆନ୍ ଚ୍ୟାମ୍ବର ଅଫ କମର୍ସ ପୃଷ୍ଠପୋଷକତାରେ ଶତାଧିକ ମହିଳା ଉଦ୍ୟୋଗୀ କ୍ରିୟାଶୀଳ ଥିବାରେ ରାଜ୍ୟପାଳ ସନ୍ତୋଷ ବ୍ୟକ୍ତ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।



ଇଣ୍ଡିଆନ ଚ୍ୟାମ୍ବର ଅଫ କମର୍ସ-ଓଡ଼ିଶାର ଅଧକ୍ଷ ଜେ.ବି. ପାଣି, ସହ ଅଧ ମହେନ୍ଦ୍ର ଗୁପ୍ତା ଓଡ଼ିଶାରେ ଔଦଗିକତାର ସ୍ଥିତି ଓ ପ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ମହିଳା ଉଦ୍ୟୋଗ କମିଟିର ଆବାହିକା ସୁକୀର୍ତି ପଟ୍ଟନାୟକ ମହିଳା ଉଦ୍ୟୋଗୀମାନଙ୍କ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଉଦ୍ୟୋଗୀ କମିଟିର ସହ ଆବହିକା ତନୟା ପଟ୍ଟନାୟକ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ଉଦ୍ୟୋଗୀ ଉତ୍ସବରେ ଯୋଗଦେଇଥିଲେ।

# ଜନଜାତିଙ୍କ ପାରମ୍ପରିକ କଳାନୈପୁଣ୍ୟକୁ ସ୍ୱୀକୃତି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜନଜାତି ଶିଳ୍ପୀ ଓ କାରିଗରଙ୍କ ମଧ୍ୟରେ ବହୁ ପ୍ରତିଭା ରହିଛି। ଜନଜାତିମାନେ ପାରମ୍ପରିକ କଳାନୈପୁଣ୍ୟ ମାଧ୍ୟମରେ ପରମ୍ପରା ଓ ସଂସ୍କୃତିକୁ ସାଇତି ରଖିଥାନ୍ତି। ପରମ୍ପରାକୁ ସମ୍ମାନ ଦେବାର ଅନୁରାଗ ସେମାନଙ୍କ ମଧ୍ୟରେ ରହିଛି ଜନଜାତି ଚିତ୍ରଶିଳ୍ପୀ ଓ କାରିଗରଙ୍କ ନିମନ୍ତେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଜନାଜତି ଚିତ୍ରକଳା ଓ କଳାବସ୍ତୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମ୍ବର୍ଦ୍ଧନା ସମାରୋହ ଆଜି ପୂର୍ବାହ୍ନରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍. ବାଲ୍‌କ୍ରିଷ୍ଣନ୍ ଉଦ୍‌ଘାଟନ କରିଥିଲେ।

ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଓଡ଼ିଶାର ଆଦିବାସୀ ସଂସ୍କୃତି ବିଶ୍ୱର ଅନନ୍ୟ ଓ ସତନ୍ତ୍ର ବୋଲି ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାର ଜଗନ୍ନାଥ ସଂସ୍କୃତି ମହାନ। ଓଡ଼ିଶା ବିକାଶର ଏକ ମଡେଲ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଏବଂ ଆଦିବାସୀମାନଙ୍କ ନିମନ୍ତେ ଦୀର୍ଘବର୍ଷ ଧରି କାର୍ଯ୍ୟକରି ଅନେକ ଗୁଡତଥ୍ୟ ବିଷୟରେ ଜ୍ଞାନଲାଭ କରିଥିବାରୁ ସେ ନିଜକୁ ଧନ୍ୟମନେ କରିଥିଲେ।



ରାଜ୍ୟସ୍ତରୀୟ ଜନଜାତି ଚିତ୍ରଶିଳ୍ପୀ ଓ କାରିଗରମାନେ ସମ୍ବର୍ଦ୍ଧିତ ହେବା ଫଳରେ ସେମାନଙ୍କର ଖ୍ୟାତି ପ୍ରସାରିତ ହେବ ଓ ସେମାନେ ଜୀବନ ନିର୍ବାହ ପାଇଁ ଅର୍ଥ ଉପାର୍ଜନ କରିବାକୁ ସକ୍ଷମ ହେବେ। ଏହି ସମାରୋହ ଶେଷରେ ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

# ଅପରାଜିତାଙ୍କୁ ...

ପଦାଧିକାରୀମାନେ ଅପରାଜିତାଙ୍କୁ ଅସହଯୋଗ କରିବା, ଅଣଦେଖା କରିବା, ଗୁରୁତ୍ୱ ନଦେବା ଆଦି କାମ କରିଆସୁଛନ୍ତି।

ଏବେ ରାଜ୍ୟ ମହିଳା ମୋର୍ଚ୍ଚା ଆଇଟି ସେଲ୍ ସଂଯୋଜିକା ନିଜ ଦଳର ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀଙ୍କୁ ସିଧାସଳଖ ଟାର୍ଗେଟ୍ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି, ନାଁ ଏପରି ପୋଷ୍ଟ କରିବାକୁ ତାଙ୍କୁ ସିଆଡୁ ଲିଖିତ(ନିର୍ଦ୍ଦେଶ) ପୋଷ୍ଟ ଆସିଛି ତାହା ସନ୍ଦେହ ସୃଷ୍ଟି କରୁଛି। ଏଥିରେ ପୁଣି ରାଜ୍ୟ ମହିଳା ମୋର୍ଚ୍ଚାର ଜଣେ ଉପସଭାନେତ୍ରୀ ତାଙ୍କୁ ସମର୍ଥନ ଦେଉଛନ୍ତି। ଆଉ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ମୌନ ରହିଛନ୍ତି। ମହିଳା ମୋର୍ଚ୍ଚା ସୋସିଆଲ୍ ମିଡିଆ ସଂଯୋଜିତାଙ୍କ ନିଜ ଦଳର ଜଣେ ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ପ୍ରତି ଆକ୍ଷେପମୂଳକ ପୋଷ୍ଟ ଉପରେ କ'ଣ ରାଜ୍ୟ ସଭାନେତ୍ରୀଙ୍କ ସମର୍ଥନ ରହିଛି ? ନାଁ, ମହିଳା ମୋର୍ଚ୍ଚା ତାଙ୍କ କଣ୍ଟ୍ରୋଲରେ ନାହିଁ ? ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ୩ୟ ପୃଷ୍ଠାରୁ...

# ବଲାଙ୍ଗିରରେ...

ସେତେବେଳେ ଅପରାହ୍ନ ପ୍ରାୟ ୩ଟା ପାଖାପାଖି ସମୟ। ଇଶାନ୍ତ ହଠାତ୍ କଲେଜର ନ୍ୟୁ ବଏଜ ହଷ୍ଟେଲର ଛାତ୍ର ଉପରୁ ଖସିପଡିଲେ। ତାଙ୍କୁ ଭୀମଭୋଇ ମେଡିକାଲ୍ କଲେଜ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯେଉଁ ଛାତରୁ ଇଶାନ୍ତ ତଳେ ପଡିଥିଲେ ସେହି ଛାତ ଉପରେ ତାଙ୍କ ଚପଲ ଏକ କୋଣରେ ପଡିଥିବା ଦେଖିବାକୁ ମିଳିଛି। ସେହିପରି ଇଶାନ୍ତ ପ୍ରଶିକ୍ଷଣ ନିବାସ ତଥା ହଷ୍ଟେଲର ତୃତୀୟ ମହଲା ୩୧୨ନଂ କୋଠରୀରେ ରହୁଥିଲେ। ଉକ୍ତ କୋଠରୀ ବନ୍ଦ ଥିବାବେଳେ ତା'ର ଚାବି ବି ଇଶାନ୍ତଙ୍କ ପକେଟ୍‌ରୁ ବାହାରିଛି।

ଏହି କୋଠରୀରେ ଇଶାନ୍ତ ଏକା ରହୁଥିବା ତାଙ୍କ ସହପାଠୀମାନେ କହିଛନ୍ତି। କେତେଜଣ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଛାତରେ ପ୍ରାୟ ୪ ଫୁଟର ବାଡ ଥିବାରୁ କେହି ଖସି ପଡିବେନାହିଁ। ଏଣୁ ଇଶାନ୍ତ ଆତ୍ମହତ୍ୟା କରିଥାଇ ପାରନ୍ତି ନହେଲେ କେହି ତାଙ୍କୁ ଛାତରୁ ଠେଲି ହତ୍ୟା କରିଥାଇପାରେ। ତେବେ, ପୋଲିସ୍ ଏ ନେଇ ତଦନ୍ତ ଜାରି ରଖିଛି। ଏସ୍‌ଡିପିଓ ତୋଫାନ ବାଗ ମେଡିକାଲ କଲେଜ୍‌ରେ ପହଞ୍ଚି ଘଟଣାର ଯାଞ୍ଚ କରିବା ସହ ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। କେଉଁ କାରଣରୁ ଘଟଣା ଘଟିଛି, ସେ ନେଇ ତଦନ୍ତ ଜାରି ରହିଥିବା ପ୍ରତିକ୍ରିୟାରେ କହିଛନ୍ତି ଶ୍ରୀ ବାଗ।

ଅନ୍ୟପକ୍ଷରେ, ମୃତ ଇଶାନ୍ତଙ୍କ ପରିବାର ଲୋକେ ରାଗିଂ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଗଣମାଧମ ପ୍ରତିନିଧିଙ୍କ ସହ ଆଲୋଚନାବେଳେ ଏହି ଅଭିଯୋଗ ଆଣିବା ସହ ସେମାନେ ଆସୁଥିବା କହୁଛନ୍ତି। ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି କଲେଜ୍‌ର ଡିନ୍ ଡା. ସରିବା ମହାପାତ୍ର। କେଉଁ ପରିସ୍ଥିତିରେ ସେ ସାତ ମହଲା ଛାତରୁ ପଡିଲେ, ତାହା ଜଣାପଡିନି ବୋଲି କଲେଜ୍ କର୍ତ୍ତୃପକ୍ଷ କହିଛନ୍ତି।

# 'ଅଦ୍ୱିକା ଆପ୍' ଶୁଭ ଉନ୍ମୋଚନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସରକାରଙ୍କ 'ଅଦ୍ୱିକା' କାର୍ଯ୍ୟକ୍ରମକୁ ଅଧିକ ସୁଗମ ଓ ସାର୍ବଜନୀନ କରିବା ଲକ୍ଷ୍ୟ ନେଇ ଗତ ୨୦ ତାରିଖ ପୁର୍ବାହ୍ନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ 'ଅଦ୍ୱିକା ଆପ୍'ର ଶୁଭ ଉନ୍ମୋଚନ କରିଛନ୍ତି।

ଅକ୍ଟୋବର ୨୦୨୦ ମିସହାରେ ଆରମ୍ଭ ହୋଇଥିବା ଅଦ୍ୱିକା କାର୍ଯ୍ୟକ୍ରମ ଅଦ୍ୟାବଧି ରାଜ୍ୟର ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚିପାରିଛି। ବର୍ତ୍ତମାନ ସୁଦ୍ଧା ୧୨ ଲକ୍ଷ କିଶୋରକିଶୋରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିଛନ୍ତି। ଏହା ମାଧମରେ କିଶୋରକିଶୋରୀଙ୍କ ଦକ୍ଷତା ଶିକ୍ଷା, ଜୀବନକୌଶଳ ଆଦିରେ ଉନ୍ନତି ଆସିବା ସଙ୍ଗେ ସଙ୍ଗେ ସେମାନଙ୍କ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇପାରିଛି। ପିଲାମାନେ ଏହି ବୈଷୟିକ ଜ୍ଞାନକୌଶଳସମ୍ପନ୍ନ ଆପ୍ ମାଧମରେ ଜୀବନକୌଶଳ ଲାଭ କରିବା ସହିତ ବ୍ୟକ୍ତିତ୍ୱକୁ ପ୍ରସ୍ଫୁଟିତ କରିବେ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି।

ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଅଧିକ ସଶକ୍ତ ଓ ସୁଦୃଢ କରିବା ସହିତ କିଶୋରକିଶୋରୀମାନଙ୍କ ନେତୃତ୍ୱ ବିକାଶ ପାଇଁ ବିବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ବିଭାଗ ଏବଂ ଆମ ସମସ୍ତଙ୍କର ମିଳିତ ସହଯୋଗରେ ରାଜ୍ୟକୁ ୨୦୩୦ ସୁଦ୍ଧା ବାଲ୍ୟବିବାହମୁକ୍ତ କରିବାରେ ସଫଳ ହୋଇପାରିବା ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ଆଶାବ୍ୟକ୍ତ କରିଛନ୍ତି।

ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍ ସାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡି କର୍ମୀ ଓ କିଶୋରୀକିଶୋରମାନେ ଯୋଗଦେଇ ସେମାନଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ।

# ସମ୍ବଲପୁରରେ ପୁଣି ରାଗିଂ, ୮ ଛାତ୍ର ନିଲମ୍ବନ

**ସମ୍ବଲପୁର(ସଂପର୍କବାର୍ତ୍ତା):-** ରାଗିଂକୁ ନେଇ ପ୍ରଶାସନ କଡା କଟକଣା କରିଥିବା ସତ୍ତ୍ୱେ ସ୍କୁଲ, କଲେଜମାନଙ୍କରେ ଏହି ଘଟଣାର ପୁନରାବୃତ୍ତି ହେଉଥିବା ଦେଖିବାକୁ ମିଳୁଛି। ଏହାରି ମଧ୍ୟରେ

## ଦଶମ ଛାତ୍ରଙ୍କୁ ଉଲଗ୍ନ ସହ ଦୌଡିରେ ବାନ୍ଧି ନିସ୍ଥୁକ ମାଡ !



ସମ୍ବଲପୁରର ଏକ ଘରୋଇ ଆବାସିକ ସ୍କୁଲ୍‌ରେ ରାଗିଂ ହୋଇଥିବା ମାମଲା ସାମ୍ନାକୁ ଆସିଛି। ସେଠାରେ ଦଶମ ଛାତ୍ରଙ୍କୁ ଉଲଗ୍ନ ସହ ଦୌଡିରେ ବାନ୍ଧି ମାଡ ମାରିଥିବା ଅଭିଯୋଗ ହୋଇଛି। ମାଝୀପାଲି ଘରୋଇ ଆବାସିକ ସ୍କୁଲ୍‌ରେ ଜଣେ ଛାତ୍ରଙ୍କୁ ରାଗିଂ ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଗତ ୧୭ରେ ସହପାଠୀମାନେ ମିଶି ଛାତ୍ରଙ୍କୁ ରାଗିଂ କରିଥିବା ଅଭିଯୋଗ ହୋଇଛି। ଏହି ରାଗିଂ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିରେ ସମ୍ପୃକ୍ତ ଥିବା ୮ ଛାତ୍ରଙ୍କୁ ନିଲମ୍ବନ କରିଛନ୍ତି ସ୍କୁଲ୍ କର୍ତ୍ତୃପକ୍ଷ। ପିଟିଥିବା ୨ ଛାତ୍ର ଓ ଉପସ୍ଥିତ ଥିବା ୬ ଛାତ୍ରଙ୍କୁ ବହିଷ୍କାର କରିଛନ୍ତି ସ୍କୁଲ୍ କର୍ତ୍ତୃପକ୍ଷ।

# ଭିତ୍ତିଭୂମିର ସମୀକ୍ଷା କରୁଛନ୍ତି ମନ୍ତ୍ରୀ ତୁଷାରକାନ୍ତି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଇଲେକଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କୋଣାର୍କ ପୌରାଞ୍ଚଳ ଏବଂ କାକଟପୁର ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ସହ ଏଠାକାର କ୍ରୀଡା ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ବେହେରା ପୂର୍ବାହ୍ନରେ କୋଣାର୍କ ପୌରାଞ୍ଚଳ ଗସ୍ତ କରିବା ସହ ଏଠାରେ ନିର୍ମାଣଧୀନ ବହୁମୁଖୀ ଇନ୍‌ଡୋର ହଲ କାର୍ଯ୍ୟର ସମୀକ୍ଷା କରିଥିଲେ। କାର୍ଯ୍ୟର ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ସମଗ୍ର ଓଡ଼ିଶାକୁ କ୍ରୀଡାର ଏକ ପେଣ୍ଠସ୍ଥଳ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ତତ୍ପର ହୋଇ କାମ କରିବାକୁ ପଡିବ ବୋଲି ମନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବହୁମୁଖୀ ଇନ୍‌ଡୋର ହଲ୍ ସଂପୂର୍ଣ୍ଣ ହେଲେ ଏହା ସ୍ଥାନୀୟ ଅଞ୍ଚଳରେ କ୍ରୀଡାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏଥି ସହିତ ଏଠାରେ ଏକ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ ନେଇ ମନ୍ତ୍ରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।



## କୋଣାର୍କ ଓ କାକଟପୁର

ମନ୍ତ୍ରୀ କାକଟପୁର ଅଞ୍ଚଳଗସ୍ତ କରିବା ସହ ନିମିଷ୍ଟାଡିୟମ୍ ନିର୍ମାଣ ଓ ଖେଳ ପଡିଆର ଉନ୍ନତିକରଣ ନେଇ ଆଲୋଚନା କରିଥିଲେ। ଏଥିପାଇଁ ଅର୍ଥ ଅନୁମୋଦନ ହୋଇସାରିଥିବାବେଳେ ଜମି ଚିହ୍ନଟ, ପ୍ରାଚୀର ନିର୍ମାଣ, ଖେଳାଳିମାନଙ୍କ ପାଇଁ ଚେଞ୍ଜିଂଗ ରୁମ୍ ଏବଂ ଆନୁସଙ୍ଗିକ ବ୍ୟବସ୍ଥାକୁ ଯଥାଶୀଘ୍ର ଶେଷ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କୋଣାର୍କ ଏନ୍‌ଏସି, ପୂର୍ତ୍ତ ଏବଂ କ୍ରୀଡା ବିଭାଗର ଅଧିକାରୀ, ପିଆରଆଇ ସଦସ୍ୟ ଏବଂ ସ୍ଥାନୀୟ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଏହି ଗସ୍ତ ଅବସରରେ ମନ୍ତ୍ରୀ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଚନ୍ଦ୍ରଭାଗା ନୋଳିଆ ସାହି ଅଞ୍ଚଳର ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଏପ୍ରିଲ ୨୫ ରୁ ମଇ ୧, ୨୦୨୨, ଜଗତସିଂହପୁର

April 25 to May 1, 2022, Jagatsinghpur

www.samparkabarta.in




# ମଣିଷଙ୍କୁ ପଶୁ ଇଞ୍ଜେକ୍ସନ୍

**ବାରିପଦା(ସଂପର୍କବାର୍ତ୍ତା):-** ମଣିଷକୁ ପଶୁ ଇଞ୍ଜେକ୍ସନ ଦେବା ଘଟଣାରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାଯାଇଛି। କ୍ୱାକ ବିଶ୍ୱନାଥ ବେହେରାଙ୍କୁ ଲୋକେ ଜିମା ଦେବା ପରେ ପୋଲିସ୍ ଛାଡିଦେଇଥିବା ଅଭିଯୋଗ ଆସିବା ପରେ ମହୁଲଡିହା ଥାନା ଏଏସ୍ଆଇ ପବିତ୍ର ମୋହନ ରାଉତଙ୍କୁ ନିଲମ୍ବନ କରିଛନ୍ତି ଆରକ୍ଷୀ ଅଧୀକ୍ଷକ।



ଉଲ୍ଲେଖଯୋଗ୍ୟ, ଅଣ୍ଟା ବ୍ୟଥା ଉପଶମ ପାଇଁ ମଣିଷଙ୍କୁ ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଇଞ୍ଜେକ୍ସନ୍ ଦେଇଥିବା ନକଲି ଡାକ୍ତର(କ୍ୱାକ୍) କେନ୍ଦୁଝର ଜିଲ୍ଲା ଆନନ୍ଦପୁର କଣ୍ଟିପାଳ ଗ୍ରାମର ବିଶ୍ୱନାଥ ବେହେରା(୬୫)ଙ୍କୁ ଧରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ପୋଲିସ୍ ଧରପଗଡ ଆରମ୍ଭ କରିଥିଲା। ମହୁଲଡିହା ଗ୍ରାମର ଶ୍ରୀକାନ୍ତ ମହାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ୍ କେସ୍ ନଂ- ୨୨/୨୨ ଆଇପିସି ୪୧୭, ୩୩୭, ୩୦୭ରେ ଏକ ମାମଲା ରୁଜୁ କରିଥିଲା। ବିଶ୍ୱନାଥ ଫେରାର୍ ଥିବା ଥାନାଧିକାରୀ ରଞ୍ଜୁ ହାସିନା କୁଲୁ ସୂଚନା ଦେଇଛନ୍ତି। ତେବେ ଏହି ନକଲି ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇଥିବା ଗୌଡିଆବାହାଲୀ ଗ୍ରାମର ବୃଦ୍ଧ ଦୈତାରୀ ମହାନ୍ତ(୮୦)ଙ୍କ ଶରୀରରେ ୧୭ ତାରିଖ ଠାରୁ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇଛି। ରବିବାର ରାତିରେ ଜ୍ୱର, ମୁଣ୍ଡ ବୁଲାଇବା ଓ ପତଳା ଝାଡା ହେବାରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜ୍ୱର ସାମାନ୍ୟ କମିଥିବା ବେଳେ ଝାଡା ଲାଗି ରହୁଥିବା ପୁଅ ଗଜେନ୍ଦ୍ର ମହାନ୍ତ କହିଛନ୍ତି। କ୍ୱାକଙ୍କ ଚିକିତ୍ସାରେ ଦୈତାରୀ ଅସୁସ୍ଥ ହୋଇ ପଡିବାରୁ ଭଲ ହୋଇ ଘରକୁ ଗଲେ ଥାନାରେ ଏତଲା ଦାଏର କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଏପ୍ରିଲ୍ ୧୬ ତାରିଖରେ ନକଲି ଡାକ୍ତର ବିଶ୍ୱନାଥ ବେହେରା ମହୁଲଡିହା ଗାଁର ଶ୍ରୀକାନ୍ତଙ୍କ ଅଣ୍ଟା ବ୍ୟଥା ଓ ଗୌଡିଆବାହାଲ ଗାଁର ଦୈତାରୀଙ୍କୁ ଅଣ୍ଟାବ୍ୟଥା ଓ ଜ୍ୱର ପାଇଁ (ମେଲୋକ୍ସିକାମ/ MELOXICAM) ଇଞ୍ଜେକ୍ସନ୍, ୧୦ଟି ଟାବ୍ଲେଟ୍ ଦେଇଥିଲା। ଶ୍ରୀକାନ୍ତ ପୁଅ ଇଞ୍ଜେକ୍ସନ୍ ଖୋଳରେ ପଶୁଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲେଖା ଦେଖି ପ୍ରତିବାଦ କରିଥିଲେ।

## ପୋଲିସ୍ ନିଲମ୍ବିତ

ଏହାକୁ ନେଇ ବିଶ୍ୱନାଥ ଓ ଗ୍ରାମବାସୀଙ୍କ ମଧ୍ୟରେ ବାକ୍ୟିତଣ୍ଡା ହୋଇ କଥା ଥାନା ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ଗ୍ରାମବାସୀଙ୍କ ସହ ବିଶ୍ୱନାଥ ଥାନାକୁ ଯାଇ ସେଠାରେ କାହାର କିଛି କ୍ଷତି ଘଟିଲେ ନିଜେ ଦାୟୀ ରହିବେ ବୋଲି ଲେଖି ଚାଲି ଯାଇଥିଲେ। ଏଣେ ବିଶ୍ୱନାଥ ବେହେରାଙ୍କୁ ଲୋକେ ଜିମା ଦେବା ପରେ ପୋଲିସ୍ ଛାଡିଦେଇଥିବା ଅଭିଯୋଗ ଆସିଥିଲା।

# କଟକରେ ୫ କୋଟି ଟଙ୍କା ହରାଉଛି ପ୍ରଶାସନ !

**କଟକ(ସଂପର୍କବାର୍ତ୍ତା):-** ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ବାବଦରେ କଟକ ସଦର ତହସିଲ ଗତ ଆର୍ଥିକ ବର୍ଷରେ ୧ କୋଟି ୧୪ ଲକ୍ଷ ୬୭ ହଜାର ୧୬୭ ଟଙ୍କା ଜରିମାନା ଆଦାୟ କରିଛି। ପ୍ରଶାସନ ଚଢ଼ଉ ଫଳରେ ବା ଜାଣତରେ ଯଦି ବର୍ଷକରେ କୋଟିଏ ଟଙ୍କାର ଜରିମାନା ଆଦାୟ ହୋଇପାରୁଛି ତେବେ ପ୍ରଶାସନ ଆଖିରେ ଧୂଳି ଦେଇ ତଥାକଥିତ ପ୍ରଶାସନର ଅଜାଣତରେ ବାଲି ମାଫିଆମାନେ କେତେ କୋଟିର ବାଲି ହଡ଼ପ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଶେଷକରି ନିଲାମ ହେବା ପରେ ପରିବେଶ ମଞ୍ଜୁରୀ ପାଇଁ ବର୍ଷାଧିକ କାଳ ପଡ଼ି ରହିଥିବା ବାଲିଘାଟ ମାଫିଆମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ଫଳରେ ଏହି ବାଲିଘଶଟରୁ ବେଆଇନ୍ ବାଲି ଚାଲାଣ ପାଇଁ ସୁଯୋଗ ସୃଷ୍ଟି ହେଉଛି। ଦୀର୍ଘଦିନ ଧରି ପରିବେଶ ମଞ୍ଜୁରୀ ନ ମିଳିବା ପଛରେ ଏକ ବଡ଼ ଷଡ଼ଯନ୍ତ୍ର କାମ କରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। କଟକ ସଦର ତହସିଲ ଅଧୀନରେ ମୋଟ ୧୩ଟି ବାଲିଘାଟ ରହିଛି। ଏହି ଘାଟଗୁଡ଼ିକ ହେଉଛି ସୁବର୍ଣ୍ଣପୁର, ବାଦାମବାଡ଼ି, ଶିଳ୍ପପୁରୀ, ବେଣ୍ଟକାର, ବଗୁଲାପଡ଼ା, ରାଜହଂସ, ପ୍ରତାପ ନଗରୀ, ଉତ୍ତମାପୁର, ଜରିପଡ଼ା, ସୁଭଦ୍ରାପୁର, ଟାଙ୍ଗରହୁଡ଼ା, କଦମପଡ଼ା ଓ ଅରଖକୁଦ। ଏହି ୧୩ଟି ଘାଟ ମଧ୍ୟରୁ ସୁଭଦ୍ରାପୁର, ଟାଙ୍ଗରହୁଡ଼ା ଓ କଦମପଡ଼ାରୁ ବାଲି ଉତ୍ତୋଳନ ହେଉଥିବା ବେଳେ ବାଲି ଘାଟଗୁଡ଼ିକ ନିଲାମ ଡକାଯାଇ ମଧ୍ୟ ବନ୍ଦ ପଡ଼ିଛି। କାରଣ ନିଲାମ ପରେ ପରିବେଶ ମଞ୍ଜୁରୀ ମିଳିନଥିବାରୁ ଘାଟଗୁଡ଼ିକୁ

## ବାଲିଘାଟ ମାଫିଆଙ୍କୁ ସୁହାଇଛି

କାର୍ଯ୍ୟକ୍ଷମ କରାଯାଉନାହିଁ। କିନ୍ତୁ ଅନେକ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି।

ଅନ୍ୟ ପକ୍ଷରେ ଜରିପଡ଼ା ଘାଟ ୨୦୧୮ ମସିହାରୁ ନିଲାମ ଡକାଯାଇ ନିଲାମଧାରୀ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଘାଟରୁ ବାଲି ଉତ୍ତୋଳନ କରାଯାଇ ନାହିଁ। ସେହିପରି ବାକି ଘାଟଗୁଡ଼ିକ ୨୦୨୦ ମସିହାରୁ ନିଲାମ ଡକାଯାଇ ନିଲାମଧାରୀ ଚୂଡ଼ାନ୍ତ କରାଯାଇଛି। ସେହିପରି ପୂର୍ବ ନିଲାମଧାରୀ ଓହରିଯାଇଥିବାରୁ ଏବେ ରାଜହଂସ ଓ ଅରଖକୁଦ ଘାଟ ପୁନଃ ନିଲାମ କରାଯିବ। ତେବେ ପ୍ରଥମ ନିଲାମଧାରୀ ଘଶଟ ଚଳାଇବାକୁ ମନା କରିବା ପଛରେ କାରଣ ହେଉଛି ୨୦୨୦ ମସିହାରୁ ଏହି ଘାଟ ନିଲାମ ଡକାଯାଇଥିଲେ ମଧ୍ୟ ପରିବେଶ ମଞ୍ଜୁରୀ ମିଳିନଥିଲା। ମାତ୍ର ଏହାର ଫାଇଦା ନେଇ ମାଫିଆମାନେ ଉକ୍ତ ଘାଟରୁ ବାଲି ଚୋରା ଚାଲାଣ କରିବାରୁ ଏବେ ଘାଟରେ ପ୍ରଚୁର ପରିମାଣର ବାଲି ନଥିବାରୁ ନିଲାମଧାରୀ ଓହରି ଯାଇଥିବା ଆଲୋଚନା ହେଉଛି।

ସଦର ତହସିଲର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଯଦି ଏହି ଘାଟଗୁଡ଼ିକ କାର୍ଯ୍ୟକ୍ଷମ ହେଉଥାନ୍ତା ତେବେ ସରକାର ବାର୍ଷିକ ଘାଟ ବାବଦରେ ୫ କୋଟି ରାଜସ୍ୱ ଆୟ କରୁଥାନ୍ତେ। କିନ୍ତୁ କ'ଣ ପାଇଁ ପରିବେଶ ମଞ୍ଜୁରୀରେ ବିଳମ୍ବ ହେଉଛି ତାହାର ସ୍ପଷ୍ଟ ଉତ୍ତର କେହି ଦେଉନାହାନ୍ତି। ଏନେଇ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପୂର୍ଣ୍ଣ ଚନ୍ଦ୍ର ମିଶ୍ର କହନ୍ତି, ଆମର ନିୟମିତ ଏଡ଼ଫୋର୍ସମେଣ୍ଟ କରାଯାଉଛି। ଚୋରା ବାଲି ଗାଡ଼ି ଧରାପଡ଼ିବା ମାତ୍ରେ ଜରିମାନା ଆଦାୟ କରାଯାଉଛି। ପରିବେଶ ମଞ୍ଜୁରୀ ଆମ ହାତରେ ନଥିବା ସେ କହିଛନ୍ତି।

# ଘରୋଇ ଡ୍ରାଇଭରମାନଙ୍କ ଦାବି ପୂରଣ ହେବ: ମନ୍ତ୍ରୀ ପଦ୍ମନାଭ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ରାଜ୍ୟ ଘରୋଇ ଡ୍ରାଇଭର ମହାସଂଘ ତରଫରୁ ଦାବି ନେଇ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଧାରଣା ଦିଆଯାଇଥିଲା। ରାଜ୍ୟର ୩୦ଟି ଜିଲ୍ଲାରୁ

## ୩ ମାସ ମଧ୍ୟରେ



ଘରୋଇ ଡ୍ରାଇଭରମାନେ ବହୁସଂଖ୍ୟାରେ ଧାରଣାରେ ସାମିଲ ହୋଇଥିଲେ। ଡ୍ରାଇଭରମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ଲାଗି ଜୀବନବୀମା କରାଇବା ଓ ଅବସର ପରେ ପେନ୍ସନ୍ ପ୍ରଦାନ କରିବା ସହିତ ବିଭିନ୍ନ ଦାବି ନେଇ ଧାରଣା ଦେଇଥିଲେ। ତତ୍କ୍ଷଣାତ୍ ରାଜ୍ୟ ସରକାରଙ୍କ ତରଫରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧକ୍ଷତାରେ ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ରାଜ୍ୟର ଘରୋଇ ଡ୍ରାଇଭରମାନଙ୍କର ବିଭିନ୍ନ ପ୍ରକାର ସମସ୍ୟାକୁ ସମାଧାନ କରିବା ପାଇଁ ଆଲୋଚନା କରାଯାଇଥିଲା। ରାଜ୍ୟର ପଡୋଶୀ ରାଜ୍ୟମାନଙ୍କରେ ଘରୋଇ ଡ୍ରାଇଭରମାନଙ୍କୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧାସୁଯୋଗ ଅନୁସାରେ ଆମ ରାଜ୍ୟରେ ତାହା କାର୍ଯ୍ୟକ୍ଷମ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଯାଇଛି।

ଆସନ୍ତା ତିନିମାସ ମଧ୍ୟରେ ଏସବୁଗୁଡିକୁ ଅନୁଧ୍ୟାନ କରାଯାଇ ଘରୋଇ ଡ୍ରାଇଭରମାନଙ୍କ ଦାବି ପୂରଣ କରାଯିବ ବୋଲି ବୈଠକ ପରେ ମନ୍ତ୍ରୀ ଶ୍ରୀ ବେହେରା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଘରୋଇ ଡ୍ରାଇଭରମାନଙ୍କୁ କାର୍ଯ୍ୟସ୍ଥଳରେ ଯେପରି କୌଣସି ପ୍ରକାରର ହଇରାଣ କିମ୍ବା କୌଣସି ପ୍ରକାରର ଅସୁବିଧା ନହୁଏ ସେଥିପ୍ରତି ସଜାଗ ରହିବା ପାଇଁ ପୋଲିସ୍ ପ୍ରଶାସନ ତରଫରୁ ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆର୍‌ଟିଓ ଚେକିଂରେ ବରଯାତ୍ରୀ ବସ୍ ଫସିଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାହାଘର ସରିଲା ପରେ ଝାଡଖଣ୍ଡର କୁର୍ଡେଗକୁ ବରଯାତ୍ରୀଙ୍କୁ ନେଇ ଫେରୁଥିବା ବେଳେ ଆର୍‌ଟିଓ ଚେକିଂରେ ଧରାପଡିଲା ବରଯାତ୍ରୀ ବସ୍। ଯାଞ୍ଚ ବେଳେ ଜଣାପଡିଲା ବସ୍‌ର ନଥିଲା ଇନ୍‌ସ୍ୟୁରାନ୍ସ, ଫିଟ୍‌ନେସ୍, ପଲ୍ୟୁସନ୍ ଓ ଟ୍ୟାକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ କିଛି କାଗଜପତ୍ର। ଏହାପରେ ୩ଲକ୍ଷ ୭୦ହଜାର ଟଙ୍କାର ଫାଇନ୍ କାଟି ଦେଲେ ସୁନ୍ଦରଗଡ଼ ପରିବହନ ବିଭାଗ ଇନ୍ସପେକ୍ଟର(ଟ୍ରାଫିକ୍) ବିଜେନ୍ଦ୍ର କୁମାର ମୁର୍ମୁ ତାଙ୍କ ଟିମ୍ ସହିତ ସଦର ଥାନା କରମଡିହି ନିକଟରେ ଯାଞ୍ଚ କରୁଥିବା ବେଳେ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ଝାଡଖଣ୍ଡ କୁର୍ଡେଗକୁ ବରଯାତ୍ରୀ ଯାଇ ବଣାଇ ଫେରୁଥିବା ବେଳେ କ୍ରୀଷ୍ଣାଜୀ ନାମକ ଯାତ୍ରୀବାହୀ ବସ୍ (ଓଡି ୨୮ ଏ ୨୫୨୬)କୁ



ଅଟକାଇଥିଲା ଆର୍‌ଟିଓ। ଯାଞ୍ଚ କଲା ବେଳକୁ ବସର ଇନ୍‌ସ୍ୟୁରାନ୍ସ, ଫିଟ୍‌ନେସ୍, ପଲ୍ୟୁସନ୍ ଓ ଟ୍ୟାକ୍ସ ଭଳି କିଛି ବି କାଗଜ ପତ୍ର ନଥିବା ବେଳେ ଗାଡିଟି ଅଫ୍ ରୋଡ ନଥିବା ଜଣାପଡିଥିଲା। ଯାହା ପାଇଁ ୩ଲକ୍ଷ ୭୦ ହଜାର ୬୭୨ଟଙ୍କା ଫାଇନ୍ କରିବା ସହ ଗାଡିଟି ଜବତ କରାଯାଇଛି।

# ଭୁବନେଶ୍ୱରରେ ଅନ୍‌ଫିଟ୍ ଗାଡି ଶହ ଶହ ବୁଲୁଛି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ସ୍କୁଲ୍ ଯାନବାହାନ କଡାକଡି ଚେକିଂ ଚାଲିଛି। ଏହାରି ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଏକ ସ୍କୁଲ ବସ୍

## ସ୍କୁଲ ବସ୍‌କୁ କେବଳ ଧରିଛି



ଉପରେ ଲାଗିଛି ୨ଲକ୍ଷ ୩୩ ହଜାର ଟଙ୍କାର ଫାଇନ୍। ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିପଦପୂର୍ଣ୍ଣ ଯାତ୍ରାବେଳେ ସିଜ୍ କରିଛନ୍ତି ଏମ୍‌ଭିଆଇ। ଡମଣା ଛକରୁ ସିଜ୍ ହୋଇଛି ଏହି ସ୍କୁଲ୍ ବସ୍। ପରମିଟ୍, ଇନ୍‌ସ୍ୟୁରାନ୍ସ, ରେଜିଷ୍ଟ୍ରେସନ୍ ନଥିବାରୁ ଚାଲାଣ କଟିଛି।

ଏହା ପୂର୍ବରୁ ଗତକାଲି କୋରାପୁଟ ସେମିଳିଗୁଡା ନେତାଜୀ ଇଂଲିଶ ମିଡିୟମ୍ ସ୍କୁଲ ବସ୍ ଉପରେ ଲାଗିଥିବା ୪ଲକ୍ଷ ଟଙ୍କାର ଫାଇନ୍। ଟିକସ୍, ପର୍ମିଟ୍ ଓ ଫିଟ୍‌ନେସ୍ ନଥିବାରୁ ଫାଇନ କଟିଥିଲା କୋରାପୁଟ ଆର୍‌ଟିଓ। ତେବେ ରାଜ୍ୟରେ କିଛି ଦିନ ହେବ କଡାକଡି ଚେକିଂ ଚାଲିଛି। ପିଲାଙ୍କୁ ସ୍କୁଲ ଅପ-ଡାଉନ୍ କରୁଥିବା ଗାଡିର ହେଉଛି ଫିଟ୍‌ନେସ୍ ଟେଷ୍ଟ। ୨୭ ତାରିଖ ଯାଏଁ ଚାଲିବ ଏହି ସ୍ପେସାଲ୍ ଡ୍ରାଇଭ୍। ଫିଟ୍‌ନେସ୍, ପରମିଟ୍, ଇନ୍‌ସ୍ୟୁରାନ୍ସ, ପଲୁସନ୍ ସାର୍ଟିଫିକେଟ୍ ହେବ ଯାଞ୍ଚ। ଏ ନେଇ ପରିବହନ କମିଶନର ଅରୁଣ ବୋଥ୍ରା ନିର୍ଦ୍ଦେଶ ଦେଇଛନ୍ତି।

# ୧୩ ବର୍ଷ ପରେ ଜାଣିଲେ କାଢୁଆ ଅଫିସର୍ !

**ବାରିପଦା(ସଂପର୍କବାର୍ତ୍ତା):-** ୬୨ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଚୁକ୍ତିଭିତ୍ତିରେ ବ୍ୟାପକ ଅନିୟମିତତାର ପ୍ରାୟ ୧୩ ବର୍ଷ ପରେ ଭିଜିଲାନ୍ସ ତଦନ୍ତ ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୁପାରିଶ କରିଛି। ବିଭାଗୀୟ ତଦନ୍ତରେ କେନ୍ଦୁଝର ଜିଲ୍ଲାରେ ଏହି ଜାଲିଆତି

## ୬୨ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତିରେ ଜାଲିଆତି

ହୋଇଥିବା ନେଇ ପ୍ରମାଣ ମିଳିବା ପରେ ଏଥି ପାଇଁ ଦାୟୀ ଅଧିକାରୀଙ୍କୁ ଚିହ୍ନଟ କରିବା ନିମନ୍ତେ ଭିଜିଲାନ୍ସ ସ୍ୱାସ୍ଥ୍ୟ ବିଭାଗ ଅନୁରୋଦ କରିଛି।

ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାରେ ୬୨ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଚୁକ୍ତିଭିତ୍ତିକ



ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଓ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ସ୍ୱତନ୍ତ୍ର ସଚିବ ଓ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ମିଳିତ ତଦନ୍ତରେ ଏହି ଅନିୟମିତତାର ପ୍ରମାଣ ମିଳିଥିଲା। ଏହି ନୁଯକ୍ତିକୁ ୧୩ ବର୍ଷ ବିତିଯିବା ପରେ ସ୍ୱାସ୍ଥ୍ୟ ବିଭାଗର ଏହି ଅନିୟମିତତା କଥା ମନେପଡିଛି। ଆଉ ଏହି ଚୁକ୍ତିଭିତ୍ତିକ ନିଯୁକ୍ତିରେ ଅନିୟମିତତା କରିଥିବା ଦାୟୀ ଅଧିକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଭିଜିଲାନ୍ସକୁ ମାମଲା ରୁଜୁ ନିମନ୍ତେ ସ୍ୱାସ୍ଥ୍ୟ ସଚିବ ଡାକ୍ତର ଅଜିତ୍ କୁମାର ମହାନ୍ତି ଏପ୍ରିଲ ୧୯ ତାରିଖରେ ସଚିବ ତଥା ଭିଜିଲାନ୍ସ ଏକ୍ସଅଫିସୋଙ୍କୁ ଚିଠି ଲେଖି ଏହି ଅନିୟମିତତାର ତଦନ୍ତକୁ ତ୍ୱରାନ୍ୱିତ କରାଇବାକୁ ଅନୁରୋଧ କରିଛି।

ତେବେ ପ୍ରଶ୍ନ ଉଠୁଛି, ୨୦୦୯ ମସିହାରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରେ ହୋଇଥିବା ଅନିୟମିତତା ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ୧୩ ବର୍ଷ ଧରି ଚୁପ୍ ହୋଇ ବସିଥିଲା କାହିଁକି ? କେଉଁ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ଏତେ ଦିନ ଧରି ତଦନ୍ତ ପ୍ରକ୍ରିୟାକୁ ଶିଥିଳ କରି ରଖାଯାଇଥିଲା। ଏହି ଜାଲିଆତିରେ ଯେଉଁମାନେ ସଂପୃକ୍ତ ସେମାନଙ୍କୁ କିଏ ଘଣ୍ଟ ଘୋଡାଇ ରଖିଥିଲେ ଓ ୧୩ ବର୍ଷ ପରେ ସରକାରଙ୍କର କାହିଁକି ଏ କଥା ମନେ ପଡିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ରାଜଭବନରେ ଜନଜାତି ଶିଳ୍ପୀ ଓ କାରିଗର ସମ୍ବର୍ଦ୍ଧିତ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜନଜାତିଙ୍କ ଇତିହାସ ଓ ଐତିହ୍ୟ ସର୍ବପ୍ରାଚୀନ। ତାଙ୍କର କଳା ଓ ସଂସ୍କୃତିରେ ଅଛି ଅନନ୍ୟ ଜୀବନବୋଧ। ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ବିସେଷ ଉଦ୍ୟମ ହେବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।

ରାଜଭବନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀ ଚିତ୍ରକର, ଶିଳ୍ପୀ ଓ କାରିଗରମାନଙ୍କ ସହ ଭାବ ବିନିମୟ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ପ୍ରତିଭାର ପ୍ରକାଶ ଓ ବିକାଶ ନିମନ୍ତେ ଅନୁକୂଳ ପରିବେଶ ଦରକାର। ଜନଜାତିଙ୍କ ମଧ୍ୟରେ ଅଫୁରନ୍ତ ସୃଜନଶକ୍ତି ରହିଛି। ଏହି ପ୍ରତିଭା ଆହୁରୀ ପ୍ରସାରିତ ହେବା ଦରକାର, ଯେଉଁଥି ପାଇଁ ସରକାର ବିଭିନ୍ନ ସୁବିଧା ଉପଲବ୍ଧ କରାଉଛନ୍ତି। ଆଗାମୀ ଦିନରେ ଜନଜାତିଙ୍କ ସୃଜନ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ଓ ଆକଳନ ହୋଇପାରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା ଓଡ଼ିଶାର ଜନଜାତି କଳା ଓ କାରିଗରୀ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବେ



ଶାଶ୍ୱତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟପାଳ କୃତୀ ଚିତ୍ରକର, ଶିଳ୍ପୀ ଓ କାରିଗରମାନଙ୍କ ସମ୍ବର୍ଦ୍ଧିତ କରିଥିଲେ।

# ବିଶିଷ୍ଟ ନାଟ୍ୟକାର ରବୀନ୍ଦ୍ରନାଥ ଦାସଙ୍କ ପରଲୋକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଶିଷ୍ଟ ନାଟ୍ୟକାର ତଥା କଥାକାର ରବୀନ୍ଦ୍ରନାଥ ଦାସଙ୍କର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ରବୀନ୍ଦ୍ରନାଥ ୧୯୪୩ ମସିହା ମଇ ୧୭ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ପାଇଲେ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବ ପରିବାର ହୋଇଥିବାରୁ ଘରେ ପଢା ଯାଉଥିବା ଭାଗବତ ସମେତ ବିଭିନ୍ନ ପୁରାଣ ଶୁଣି ତାଙ୍କର ସେ ପିଲାଦିନୁ ଲେଖାଲେଖି ପ୍ରତି ପ୍ରକାଶ କରିଥିଲେ। ଅଷ୍ଟମ ଶ୍ରେଣୀରେ ପଢିଲାବେଳେ ତାଙ୍କର ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା। ରେଭେନ୍ସାରୁ ଉଚ୍ଚଶିକ୍ଷାପ୍ରାପ୍ତି ପରେ ସେ



ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ସେ ୨୦୦୬-୦୭ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଂପାଦକ ଭାବେ କାର୍ଯ୍ୟ କରିଥିଲେ।

ଶ୍ରୀ ଦାସ ଗଳ୍ପ, ଉପନ୍ୟାସ ଲେଖୁଥିଲେ ମଧ୍ୟ ଜଣେ ନାଟ୍ୟକାର ଭାବେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ନାଟକ 'ବିଷର୍ଣ୍ଣ ପୃଥିବୀ' ପାଇଁ ତାଙ୍କୁ ୧୯୭୯ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ତାଙ୍କର 'ଅନେକ ଯନ୍ତ୍ରଣା', 'ମୁଖବନ୍ଧ', 'ନିଃସଙ୍ଗ ଅଶ୍ୱାରୋହୀ' ଓ 'ନିର୍ବାସିତ ସମ୍ରାଟ' ଗଳ୍ପଗ୍ରନ୍ଥ ସମେତ 'ଘର', 'ବାପା', 'ବୋଉ', 'ମାୟା', 'ଉମା', 'ହୃଦୟେଶ୍ୱରୀ' ଓ 'ନିଃସଙ୍ଗ ଆକାଶ' ଇତ୍ୟାଦି ଉପନ୍ୟାସ ରହିଛି। ତାଙ୍କ ରଚିତ ନାଟକଗୁଡିକ ହେଲା 'ଯୋଦ୍ଧା', 'ଧ୍ରୁବ', 'ଦେବୀ', 'ଚିତ୍ରସେନ', 'ଅଙ୍ଗାର' ଇତ୍ୟାଦି। ଜଣେ ପ୍ରଯୋଗବାଦୀ ନାଟ୍ୟକାର ଭାବେ ସେ ସୁନାମ ଅର୍ଜନ କରିଥିଲେ। ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗିତୀକାର ଥିଲେ। ତାଙ୍କର ଏକାଧିକ ନାଟକ ବେତାର ଓ ଦୂରଦର୍ଶନରେ ପ୍ରସାରିତ ହୋଇଛି। ସେ କେତେକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ମଧ୍ୟ ଚିତ୍ରନାଟ୍ୟ ଲେଖିଛନ୍ତି।

# ବଲାଙ୍ଗିରରେ ଡାକ୍ତରୀ ଛାତ୍ର ମୃତ୍ୟୁ !

**ବଲାଙ୍ଗୀର(ସଂପର୍କବାର୍ତ୍ତା):-** ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ୍‌ର ଜଣେ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। କଲେଜ ହଷ୍ଟେଲର ସାତମହଲା କୋଠାରୁ ଖସି ସେ ପ୍ରାଣ ହରାଇଛନ୍ତି। ସେ କୋଠାରୁ ଡେଇଁପଡିଛନ୍ତି ନା ତାଙ୍କୁ ଠେଲି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ତେବେ, ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ରାଗିଂ ହୋଇଥିବା ନେଇ ଅଭିଯୋଗ କରାଯାଇଥିବାବେଳେ କଲେଜ ପକ୍ଷରୁ ଖଣ୍ଡନ କରାଯାଇଛି। ମୃତ ଛାତ୍ର ଜଣକ ହରିୟାଣା

## କୋଠାରୁ ଡେଇଁଲେ ନା ଠେଲି ଦିଆଗଲା ?

ଇଶାନ୍ତ କୁମାର। ସେ ଏମ୍‌ବିବିଏସ୍ ପ୍ରଥମ ବର୍ଷ ଛାତ୍ର। ଇଶାନ୍ତ ଗତ ୧୧ ତାରିଖ ଦିନ କଲେଜ୍‌ରେ ପହଞ୍ଚିଥିଲେ। ଫାଉଣ୍ଡେସନ୍ କ୍ଲାସ୍ ଚାଲୁଥିବାରୁ ଆଜି ସେ କ୍ଲାସ୍ ବି କରିଥିଲେ। (ପୃଷ୍ଠା-୨)



# ସମ୍ପାଦକୀୟ

## ସଲୀଳ ଦୁଃଖ !!

ଯୋବ୍ରା ଆନିକଟ ନିକଟସ୍ଥ ମହାନଦୀରେ ତିନୋଟି ପିଲାଙ୍କ ଜୀବନ ନିର୍ବାପିତ ହୋଇଯାଇଛି। ଘଟଣାର ପ୍ରସଙ୍ଗ ଯାହାହେଉନା କାହିଁକି ତିନି ଜଣ ଛାତ୍ରଙ୍କ ଏପରି ପରଲୋକ ସେମାନଙ୍କ ପିତାମାତାଙ୍କ ହୃଦୟକୁ କିପରି ଦୁଃଖ ଓ କରୁଣ ବ୍ୟଥାରେ ଖିନ୍ନଭିନ୍ନ ତାହା ଜଣେ ଅନୁଭବୀଙ୍କୁ ହିଁ ଜଣା। ତେବେ କିଛି ଦିନର ଘଟଣାବଳୀକୁ ଦେଖିଲେ ଯାହା ଜଣାଯାଏ କଟକ ସହରର ଦୁଇପଟେ ବହୁଥିବା ମହାନଦୀ ଓ କାଠଯୋଡ଼ିରେ ବର୍ଷର ବିଭିନ୍ନ ସମୟରେ କେବଳ କୋମଳମତି ଛାତ୍ରଛାତ୍ରୀ ନୁହଁନ୍ତି ବଡ଼ ଲୋକମାନଙ୍କର ବି ଜଳ ସମାଧି ଘଟୁଛି। କିଛି ଭାବପ୍ରବଣତାର ମୁହୂର୍ତ୍ତକୁ ନେଇ ରାସ୍ତାରୋକ ହୁଏ, ପ୍ରତିବାଦରେ ଗାଡ଼ିମଟରକୁ ଅଟକାଇ ଦିଆଯାଏ, ପ୍ରଶାସନ ବିରୁଦ୍ଧରେ ନାରାବାଜି ଚାଲେ କିନ୍ତୁ ଏସବୁ ଭିତରେ କୋଳରୁ ହଜିଯାଇଥିବା ପ୍ରଦୀପଟି କେବେ ବି ଫେରି ଆସି ନଥାଏ ଆଉ ମାଆ ପାଖକୁ। ଘଟଣାକୁ ନେଇ ହିଂସାତ୍ମକ ପ୍ରତିକ୍ରିୟାର କିଛି ଅର୍ଥ ନଥାଏ ବରଂ ଏହା କିଛି ଅନର୍ଥର କାରଣ ପାଲଟିଥାଏ। ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କ ଭିତରେ କିଛି ସଚେତନତାର ଶପଥ ଜାଗରିତ ହେଲେ ଏବଂ ଏହାକୁ ସମସ୍ତଙ୍କ ଭିତରେ ଏକ ଆହ୍ୱାନ ଭାବରେ ସୃଷ୍ଟି କରିପାରିଲେ ହୁଏତ ଏପରି ଦୁଃଖଦ ଘଟଣା କିଛିକାଂଶରେ କମି ପାରନ୍ତା। କିନ୍ତୁ ଏହା ସତ୍ୟ କାଳର କରାଳ ଚକ୍ରରେ ଆମେ ସମସ୍ତେ ହିଁ ବନ୍ଧା।

ସମୟ ଥିଲା ସେତେବେଳେ କଟକ ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ପୋଖରୀ ଥିଲା। ଆମ୍ଭେମାନେ ପୋଖରୀରେ ମନ ଭରି ଗାଧୁଆପାଧୁଆ କରି ଭଲ ଭାବରେ ପହଁରା ଶିଖୁଥିଲୁ। ଆଉ ବାପା ହୁଅନ୍ତୁ ବା ଦାଦା, ବଡ଼ଭାଇ ବା ଅଗ୍ରଜ ଆତ୍ମୀୟ ସ୍ୱଜନମାନେ ଆମ୍ଭମାନଙ୍କୁ ପହଁରା ଶିଖାଇବା ପାଇଁ ଯେପରି ଏକପ୍ରକାର ପଣ କରୁଥିଲେ। ବର୍ତ୍ତମାନ ସହରରେ ହାତ ଗଣିଦେଲେ କେତେଟା ପୋଖରୀ। ସେଥିରେ ବି ଆଉ ପହଁରିବା ସମ୍ଭବ ହେଉନାହିଁ। ଯଦିଓ ସହରରେ ଦୁଇପଟେ ନଈ ଅଛି।

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ
ଦୂରଭାଷ : ୯୪୩୭୦୨୩୪୪୩

ବାଥରୁମ୍‌ରେ ଆଜିକାଲିର ପାଶ୍ଚାତ୍ୟ ସଭ୍ୟତାର ସାୱାର ଖୋଲି ଗାଧୋଉ ଥିବା ପିଲାମାନଙ୍କ ପାଇଁ କମ୍ପ୍ୟୁଟରର ଇଣ୍ଟରନେଟରେ ପୋଖରୀ ଏକ ଗୁଗୁଲସର୍ଚ୍ଚର ପଦାର୍ଥ ପାଲଟି ଗଲାଣି। ଦ୍ୱିତୀୟ ପ୍ରସଙ୍ଗ ହେଉଛି ବିଶେଷକରି ଦୂର ଦୂରାନ୍ତରୁ ଛାତ୍ରାବାସ ବା ଘରୋଇ ମେସ୍‌ରେ ରହୁଥିବା ପିଲାମାନେ ଆଉ ନିଜକୁ ଅନୁଶାସନ ଭିତରେ ରଖିବାକୁ ବି ଚାହୁଁନାହାଁନ୍ତି। ରେଭେନ୍ସା ହେଉ ବା ଶୈଳବାଳା, ଜେକେବିକେ ହେଉ ବା ବିଜେପି କଲେଜ ଯେଉଁଠି ବି ଦେଖନ୍ତୁ ଆଜିକାଲିର ପିଲାମାନେ ଅଧ୍ୟବସାୟୀ ନିଶ୍ଚିନ୍ତ। କିନ୍ତୁ ବାହାରର ଭଲ ମନ୍ଦ ବୁଝିବା ପୂର୍ବରୁ ନିଜେ ନିଜେ ଏପରିକିଛି ନିଷ୍ପତ୍ତି ନେଇଯାଉଛନ୍ତି ଯାହାକି ପରବର୍ତ୍ତୀ ସମୟରେ କିଛି ଅଭାବନୀୟ ଘଟଣାର ଚର୍ଚ୍ଚିତ ଶିରୋନାମ ପାଲଟୁଛି। ରାମ ନିଗମେଶ୍ୱର ମନ୍ଦିରକୁ ଲାଗିଥିବା ଏହି ଚହଟା ଘାଟଟି ଏକ ଚୋରାବାଲିର ଭୟଙ୍କର ମୃତ୍ୟୁଯନ୍ତା କହିଲେ ଅତ୍ୟୁକ୍ତି ହେବନାହିଁ। କୂଳରୁ କିଛି ହାତ ଦୂରପରେ ବାଲି ଟାପୁ ଦିଶୁଥିଲେ ବି କୂଳକୁ ଲାଗିଥିବା ପାଣିର ଗଭୀରତା ହେଉଛି ପାଖାପାଖି ଚାଳିଶ ଫୁଟ। ପହଁରା ଶିଖନ୍ତୁ ବା ନଶିଖନ୍ତୁ ସାମ୍ନାର ବାଲିସ୍ତୁପକୁ ଦେଖି କିଛି ହାତ ଜଳସୀମାକୁ ଡେଇଁବାର ସୁଖଦ ଆନନ୍ଦ କିଛି କ୍ଷଣ ଭିତରେ ସେମାନଙ୍କୁ ଟାଣି ନେଇଯାଏ ମହାନଦୀର ଅତଳ ମୃତ୍ୟୁ ଫାଶର ଆଁ ଭିତରକୁ। ସେହି ସ୍ଥାନରେ ପ୍ରତିବର୍ଷ ସର୍ବନିମ୍ନ ଶହେ ଜଣଙ୍କରୁ କମ୍ ସଂଖ୍ୟାର ସଲୀଳ ସମାଧି ଘଟୁନାହିଁ। ସେଇଥିପାଇଁ କୁହାଯାଏ ନିଜ ଗାଁ ମଶାଣୀ ପରଗାଁ ନଈ। କାହିଁକି ନା ନିଜ ଗାଁର ମଶାଣୀରେ ଜୁଇ ଜଳିଥିବା ହତଭାଗ୍ୟଙ୍କ ଅଦୃଶ୍ୟ ଶକ୍ତିର କରାମତି କଳନା ଯେପରି ସମ୍ଭବ ନୁହେଁ ସେହିପରି ପରଗାଁ ନଈର ତୁଠ ନିକଟର ଜଳର ଗଭୀରତା ବାହାର ଲୋକଟି ବୁଝିନଥାଏ।

ପିଲାମାନଙ୍କ ପାଠ୍ୟକ୍ରମରେ ଶାରୀରିକ ଶିକ୍ଷା ବ୍ୟବସ୍ଥାରେ ସନ୍ତରଣ ରହୁନାହିଁ। ପୂର୍ବପରି ପହଁରା ଶିଖିବାର ନାଁ ଆଗ୍ରହ ରହୁଛି ନାଁ ଆନନ୍ଦ। ଆଜିକାଲି ସମୟର ପିଲାମାନେ କମ୍ପ୍ୟୁଟର, ଟେଲିଭିଜନ ଓ ମୋବାଇଲର କୁହୁକ କିମିଆ ଭିତରେ ନିଜର ଶକ୍ତି ସାମର୍ଥ୍ୟକୁ ଭୁଲି ଯିବାକୁ ଚାହୁଁଛନ୍ତି। ବର୍ଷ ବର୍ଷ ଧରି ଯେଉଁ ଅତଳ ଜଳରାଶିର ସ୍ଥାନ ରହିଛି ସେ ଜାଗାରେ କୌଣସି ସୂଚନାଧର୍ମୀ ତଥ୍ୟ ରହୁନାହିଁ। ପିଲାମାନେ ଗୁରୁଜନଙ୍କ ଅନୁଶାସନକୁ ଗ୍ରହଣ କରିବାକୁ ବି ଚାହୁଁନାହାଁନ୍ତି। ପ୍ରଶାସନ ଉପରେ ଦୋଷ ଫୋପଡ଼ା, ଶିକ୍ଷାୟତନର ଅବ୍ୟବସ୍ଥା, ସଚେତନତାର ଅଭାବ ଭିତରେ ଲିଭିଯାଉଛି ଅନେକଙ୍କ ଜୀବନ ଦୀପ। ଦୁନିଆକୁ ଭଲଭାବେ ଚିହ୍ନିବା ପୂର୍ବରୁ ବାପମାଆଙ୍କ ସ୍ୱପ୍ନକୁ କିଛିଟା ବୁଝି ଜୀବନକୁ ଏକ ଆଦର୍ଶରେ ଗଢ଼ି ତୋଳିବାର ସ୍ୱପ୍ନ ଦେଖିବା ପୂର୍ବରୁ ଏପରି ଅନେକ କୋମଳମତି ପିଲାଙ୍କ ସଲୀଳ ସମାଧି ଘଟୁଛି। ଆମ ସମସ୍ତଙ୍କ ଭିତରେ ଏ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇ କିଛିଟା ସଚେତନତାର ସ୍ୱର ଉଠିବା ସହ ଏହାକୁ ଏକ ଶପଥ ଭାବେ ବିଚାର କରି ନିଜ ନିଜ ଭିତରେ ଅଙ୍ଗୀକାରବଦ୍ଧତାକୁ ଗୁରୁତ୍ୱ ଦେଲେ ଏପରି ଦୁଃଖଦ ପ୍ରସଙ୍ଗ ହୁଏତ କିଛିଟା କମନ୍ତା।

ମହାନଦୀରେ ଗାଧୋଇବା ବେଳେ ବିଶେଷକରି ଯୁବ ବର୍ଗ ମାନେ ଅକାତ ପାଣିକୁ ଚାଲି ଯାଉଛନ୍ତି ଏବଂ ସେମାନଙ୍କ ଭିତରୁ ଅନେକ ପହଁରା ଶିଖିନାହାଁନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ସଲୀଳ ସମାଧି ନେଇଥିବା ପିଲାମାନଙ୍କ ପିତାମାତା, ଆତ୍ମୀୟସ୍ୱଜନଙ୍କୁ ଧୈର୍ଯ୍ୟର ଶକ୍ତି ଦିଅନ୍ତୁ ଆଉ ସେହି ଅମ୍ଳାନ ପିଲାମାନଙ୍କ ଆତ୍ମା ସେହି ମହାବାହୁଙ୍କ ଚରଣରେ ଲୀନ ହେଉ ଏହା ହିଁ ଅଶ୍ରୁଳ ପ୍ରାର୍ଥନା।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ।

ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଷ୍ପତ୍ତି ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି।

ପୁଷ୍ପଲତା ଦାସ
କାଠଯୋଡ଼ି ଇନ୍‌କ୍ଲେଭ, ପ୍ଲଟ ନଂ-ବି୧/୨, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୮୬୨୦୦୮୩

ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

# ମଣିଷର ଜୀବନଧାରା

ଯୁକ୍ତି ମୂଳକ କଥାରେ ବା ନ୍ୟାୟ ଶାସ୍ତ୍ରରେ ଅଛି। ଘିଅର ଘଡ଼ି ନା ଘଡ଼ିର ଘିଅ, ଏମିତି ଏକ ସମସ୍ୟା ଅଛି। ଏବେ ସମସ୍ୟା ମଣିଷଙ୍କ ପାଇଁ, ଭୂମି ପାଇଁ ମଣିଷ। ମଣିଷ କହିଲେ ବିଭିନ୍ନ ପ୍ରକାର ମଣିଷଙ୍କୁ ବୁଝାଏ। ଏଇ ମଣିଷର ଜୀବନ ଧାରାରେ ରଖାଯିବା ବିଷୟରେ ସେମିତି ଅନେକ ଅବଲମ୍ବନ ଅଛି। ଦିନ ଥିଲା ଅଶିକ୍ଷିତ ଅସଭ୍ୟ ମନୁଷ୍ୟ ପଶୁଙ୍କର ପରି ଗୋଷ୍ଠୀ ଜୀବନରେ ରହି ବେଳେ ଖାଦ୍ୟ ପାଇଁ ଯୌନ ସୁଖ ପାଇଁ ସଂଗ୍ରାମ ହୋଇଯାଉଥିଲା। ଏବେ ବି ଗୋରୁ ଚରିବା ବେଳେ ଘାସ ପଡ଼ିଆରେ ଗୋରୁ ଗୋରୁ ମଧ୍ୟରେ ଲଢ଼ାଲଢ଼ି, ଷଣ୍ଢ ଷଣ୍ଢରେ ଲଢ଼ାଲଢ଼ି, ଦନ୍ତା ମାଙ୍କଡ଼ ଦୁଇଟି ମରାମରିରେ ଏକ ଶେଷ। ପୁରୁଷହାତି ଦଳରେ ଅନ୍ୟ ପୁରୁଷ ହାତିଟି ସହିପାରୁନାହିଁ। କୁକୁର କୁକୁର ଦେଖିଲେ ଭୁକୁଛି। ଏପରି ପଶୁସ୍ତରରୁ ବେଳକୁ ବେଳ ଅନୁଭୂତି ଅର୍ଜନ ପଶୁତ୍ୱରୁ ମାନବୀୟ ଗୁଣର ରାଜ୍ୟରେ ପ୍ରବେଶ କରିଛି। ଏହାପରେ ବିବାଦ ତୁଟି ନାହିଁ। ସେ ବିବାଦରେ ଦଳପତି ଗ୍ରହଣ ବା ମାନ୍ୟତା ପାଇଁ ଚାଲିଛି ଦ୍ୱନ୍ଦ, ଦଳପତି ଆସିଗଲେ ଆଉ ଜଣେ କାଳେ ଦଳର ଅଧିକାରୀ ହୋଇ ଯାଇପାରେ ଏ ପାଇଁ ଆଶଙ୍କାରେ ସର୍ବଦା ସନ୍ଦେହରେ ଜୀବନ କାଟୁଛନ୍ତି। କୁହାଯାଏ ଇନ୍ଦ୍ରପଦ ସ୍ଥାୟୀ ଚିନ୍ତାରେ ଇନ୍ଦ୍ର ସର୍ବଦା ଯତ୍ନବାନ, କେହି କାଳେ ତପଶକ୍ତିରେ ପୂର୍ବ ଇନ୍ଦ୍ରଙ୍କ ଠାରୁ ଅଧିକ ହୋଇ ଆସିଯିବେ, ଏଇ ଆଶଙ୍କାରେ ଇନ୍ଦ୍ରପଦାସୀନ ସର୍ବଦା ଆଶାୟୀଙ୍କ ତପୋରଙ୍ଗ, କାମନା ବହ୍ନିର ଥୋପ ଲଗାଇ ସ୍ଥାୟୀ ପରିବେଶକୁ ହଲଚଲ କରି ଖରା ଦିନେ ବର୍ଷା ବର୍ଷା ଦିନେ ଖରା, ଗରମ ଦିନେ ପ୍ରବଳ ଶୀତ, ଶୀତ ଦିନେ ପ୍ରବଳ ଗରମ ପରି ପରିବେଶ ଇନ୍ଦ୍ରକରାଇ ତପୀର ତପଧାରା ଖଣ୍ଡନ କରନ୍ତି। ଲୟ ଭାଙ୍ଗିଲେ ସମୟ ନଷ୍ଟ। ଏଇ ମଣିଷରେ ବି ମହୀଇନ୍ଦ୍ର (ମହେନ୍ଦ୍ର) ପଦ ଅଛି। ଏମାନେ ବି ଏଥିରୁ କମ ନୁହଁନ୍ତି ନିଜ କାନୁନର ଲଗାମରେ ତାଙ୍କ ବିରୁଦ୍ଧାଚାରୀଙ୍କ ଏମିତି ତପଃ ଭଙ୍ଗ କରୁଛନ୍ତି। ଲୟରେ ରଖାଇ ଦେଉନାହାଁନ୍ତି। ସ୍ୱର୍ଗରେ ମେନକା ସୁନ୍ଦରୀ ପରି ମାଟି ମେନକା ଏମିତି ମାୟାର ଥୋପରେ ସାମିଲ। କୁବେର ଏକ ଆକ୍ଷିଆ ଯେ ଅର୍ଥ ଦେଉଛି ତାର ଭିନ୍ନ ଦିଗ ଗୁପ୍ତ ଏକଥା ସର୍ବ ଅଜଣା। କୌଣସି ଚୁକ୍ତିରେ ଋଣକର କିଛି କିସ୍ତୀରେ ଦ୍ରବ୍ୟ କିଣା ଦସ୍ତଖତ ପଢ଼ି ଦସ୍ତଖତ କଲି ଲେଖାଯାଏ। ମାତ୍ର ଯେ କରଜ ଦିଏ ସେ ଏତେ ବିଶ୍ୱାସ ଭାଜନ କଥାରେ ବାନ୍ଧିଥାନ୍ତି ଯଦି ଦସ୍ତଖତକାରୀ ମୋହରେ ଓ ଲୋଭରେ ଏକ ସ୍ୱପ୍ନ ଦୃଷ୍ଟିରେ ଛୋଟ ଅକ୍ଷରରେ ତଳ ଲାଇନଟି ଯେଉଁଥିରେ କଣ୍ଡିସନ ବ୍ରାକେଟରେ ଥାଏ ବା ତାରକା ଚିହ୍ନିତ ଥାଏ ଦେଖିନଥାନ୍ତି। ଏଇ ହେଲା ପର କାଳର ଦୁଃଖ ନିମନ୍ତ୍ରଣ କାଣ୍ଡ। ସିଗାରେଟ ପ୍ୟାକେଟ, ମଦ୍ୟ, ଔଷଧ ରାପର ଏଥିରେ ବୈଧାନିକ ସତର୍କତା ଅଛି। କିନ୍ତୁ ନିଶାପାୟୀ ଦେଖିଛନ୍ତି ନା ମଦ୍ୟପାୟୀ ତାହା ଦେଖନ୍ତି ନାହିଁ।

ଏମିତି ବାରମ୍ବାର ନିର୍ବାଚନରେ ଦଳର ମୁଖିଆ ସ୍ଥାନର ଦଳର ମୁଖିଆ ଯୋଗାଡ଼ରେ ଅଛନ୍ତି ହେଲେ ଯେ ମୁଖିଆ ଅଛନ୍ତି ତାଙ୍କ ଇନ୍ଦ୍ରପଦ ସ୍ଥାୟୀ ପାଇଁ ତାଙ୍କୁ ସହଯୋଗୀ ସ୍ଥାନୀୟ ମୁଖିଆଙ୍କୁ ଯେମିତି ହେଉ ଆସ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩

କହି ମନ୍ତ୍ରଣା ମନ୍ତ୍ର ଦେଉଛନ୍ତି। ଏଥିରେ ଖାଦ୍ୟପେୟ, ଉତକୋଚ, ଭୟର ମାର୍ଗମାନ ଭରି ରଖାଯାଇଛି। ଫଳରେ ମହେନ୍ଦ୍ର ହିଁ ମହେନ୍ଦ୍ର ରହିବା ସ୍ଥିର ପଦବୀ ଚାଲିଛି। ବର୍ତ୍ତମାନ ପ୍ରତିଷ୍ଠିତ ମହେନ୍ଦ୍ର ସ୍ୱର୍ଗ ଇନ୍ଦ୍ରଙ୍କ ବଜ୍ରାୟୁଧ ପରି ସବୁ ସ୍ଥାନରେ ବଳବତ୍ତର ରାଜା କାନୁନ। ଏହା ଧାରା ଉପଧାରାରେ କାହାକୁ ଛାଡ଼ କାହାକୁ ବନ୍ଦ ଏମିତି ରାଜସ୍ୱାର୍ଥରେ ଲାଗିଯାଇପାରେ।

ସୀମା ସରହଦ ପ୍ରତି ସ୍ଥାନରେ ଅଛି। ଏକ ସମ୍ରାଟଙ୍କ ଅଧିନରେ ଅନେକ ମହାରାଜ ତାଙ୍କର ବଶ୍ୟରେ ଅନେକ ରାଜା। ରାଜାଙ୍କ ବଶ୍ୟ ହୁକୁମରେ ଜମିଦାର ଜମିଦାରଙ୍କ ବୋଲକରା ଚାଷୀ ଚାଷ ସହାୟକ ପ୍ରକୃତରେ ଚାଷ ସହାୟକ ହିଁ ଦେଶ ପାଇଁ ଖାଦ୍ୟ ଯୋଗାଉଛନ୍ତି। ହେଲେ ରାଜ ଟିକସ କାନୁନ ସମାନ ଶୃଙ୍ଖଳାରେ ପୁଅ ଖେଳାଇବା ଲୋକ ପାଇଁ ଯେଉଁ କାନୁନ ଗର୍ଭକଷ୍ଟ ସହି ପିଲା ଉତ୍ତରା ଲୋକ ପାଇଁ ସେହି କାନୁନ। ସମ୍ରାଟଙ୍କ ସୀକମା ସୁଦୂର ବ୍ୟାପୀ, ସମ୍ରାଟଙ୍କ ମତରେ ପାଖ ସମ୍ରାଟ ନଚଳିଲେ ପୂର୍ବରୁ ଥିଲା ଯୁଦ୍ଧ ଏବେ ତାହା ମହାଯୁଦ୍ଧ, ପୋଡ଼ାଜଳା ସମ୍ପତ୍ତି ଧ୍ୱଂସ ଲୋକଙ୍କ ଜୀବନ ହାନି। ସମ୍ରାଟଙ୍କ ସମ୍ରାଟ ଶତ୍ରୁ ହୋଇପାରନ୍ତି କିନ୍ତୁ କୌଣସି ଦେଶର ପ୍ରଜା କ'ଣ ଅନ୍ୟ ଦେଶର ପ୍ରଜାଙ୍କ ଶତ୍ରୁ ହୋଇ ରହିଛନ୍ତିକି ? ପଲିଶିରେ ପଲିଶିରେ ପଡୁନାହିଁ ଏ ପାର୍ଇ ସମୁହ ବିପଦରେ ଯେଉଁ ଦେଶର ହାନି ସେ ତ ହାନିରେ ଦେଖାଯାଉଛି କିଏ ହାନି କରିଚନ୍ତି। ଘିଅରେ ସ୍ୱାହା ହେଲାନାହିଁ ବାରୁଦରେ ସ୍ୱାହା କରାଯାଉଛି। ଯାହା ପାଣି, ପବନ, ମାଟି, ସର୍ବତ୍ର ଦୂଷିତ। ପବନକୁ କିଏ ଫାଶ ଦେଇ ଅଟକାଇ ପାରିବକି ? ଏକ ଦେଶରୁ ଅନ୍ୟ ଦେଶକୁ ଏହା ବହିବ ନାହିଁକି ? ଗଚ୍ଛିତ ମାନବ ସମ୍ବଳ ନଷ୍ଟ ହେଲେ ଅନ୍ୟସ୍ଥାନ କ'ଣ କ୍ଷତି ପ୍ରତ୍ୟକ୍ଷ ପରୋକ୍ଷରେ ଆକ୍ରାନ୍ତ ହେଉନାହିଁ। କିଏ ଏହି ମନ୍ତ୍ରଣା ଦେଇ ଶତୃତା ସାଧନ ଆରମ୍ଭ କରାଇଛି ସେ କଥା କେହି ଖୋଜ କରି ତାକୁ ଦଣ୍ଡ ବିଧାନ ଏ ପର୍ଯ୍ୟନ୍ତ କରାଯିବା ନଜିର ନାହିଁ। ମାର ମାର ଭଣ୍ଡାରିଆକୁ ମାର ନିତି ପୂର୍ବରୁ ଥିଲା ଏବେ ଜଳ ଜଳ ଦୃଶ୍ୟ। ସର୍ବତ୍ର ଦିଗପାଳ ଅଛନ୍ତି, ଦିଗ ହସ୍ତୀ ଅଛନ୍ତି। ଅଷ୍ଟମଲ୍ଲ ଅଛନ୍ତି। ହେଲେ ଦିଗପାଳ ମାନେ ଦେବଗୁଣ ସମ୍ପନ୍ନ ହୋଇ ଉତକୋଚ ବଶୀଭୂତ ହେଲେ ବା କର୍ତ୍ତବ୍ୟରେ ଢ଼ିଲା କଲେ ମହିଷାସୁର ପରି ଅସୁର ଭୁଜଦର୍ପୀ ତ୍ରାସ ପାଇଁ ବାହାରି ପଡ଼ନ୍ତି। ଏହାଙ୍କୁ କେହି ଡିଗ୍ରୀ ଦେଇଛି, ଡିପ୍ଲୋମା ଦେଇଛି, ଚରିତ୍ର ପଞ୍ଜିକାରେ ଉତ୍ତମ ସୁପାରିଶ କରିଛନ୍ତି ବୋଲି ଏପରି ତ୍ରାସ ସ୍ରଷ୍ଟା ସାକାର ହୋଇଛନ୍ତି। ପୁରାଣ ଶାସ୍ତ୍ରରେ ଯାହାକୁ ବରଦେବା ଲେଖା ତାହା ଏ ଯୁଗରେ ସୁପାରିଶ, ପଟ୍ଟାଦାର କରାଯାଇଛି। ଲୋକଙ୍କ ଚଳନୀରେ ବହୁ ଦ୍ରବ୍ୟ ପଦାର୍ଥ ବଢ଼ିଛି ପ୍ରକୃତରେ ଯେ ଦ୍ରବ୍ୟ ଆବଶ୍ୟକ ସେତେ ଜଟିଳତା ବଢ଼ି ବଢ଼ି ଚାଲିଛି। ଏ ପାଇଁ ଛଳରେ ବେଠି ବେପାରୀ ପ୍ରଥା ଭିନ୍ନ ରୂପରେ ଦେଖାଦେଲାଣି। ଜୟ ଜୟ କରିଦେଲେ ଆଶା କିଛି ମିଳିଯିବ ଏହି ଚିନ୍ତା ଏବେ ସମସ୍ତଙ୍କୁ ପତନ ଦିଗକୁ ଟାଣିଲାଣି। ଯଦି ବିଜ୍ଞ ଜାଗ୍ରତ ନହେବେ ତେବେ ପାଳ ମାନେ ଅସୁରଙ୍କ ବରଦାନରେ ସଂସାର ସାରି ଦେବେ।

# ମାଲେରିଆ ଓ ଯକୃତ

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ୨୦୧୭ ବିଶ୍ୱ ମାଲେରିଆ ଦିବସରେ ମାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆଁ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

# ଅପମାନ ଜ୍ୱାଳାରେ ଜଳୁଛନ୍ତି ଅପରାଜିତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀ ପ୍ରତିଷ୍ଠା ଦିବସକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ମିଳିନାହିଁ ଆମନ୍ତ୍ରଣ। ୭୪ତମ ପ୍ରତିଷ୍ଠା ଦିବସକୁ ନା କେହି ଡାକିଲେ ନା ନିମନ୍ତ୍ରଣ ପତ୍ରରେ ନାଁ ଲେଖିଲେ। ଅପମାନର ଜ୍ୱାଳାରେ ଜଳୁଛନ୍ତି ସାଂସଦ ଅପରାଜିତ। ତେବେ ସାଂସଦଙ୍କୁ ଡାକରା ମିଳି ନଥିବାରୁ ସେ କ୍ଷୋଭ ପ୍ରକାଶ କରି ଟ୍ୱିଟ୍ ମଧ କରିଥିଲେ। ସରକାରଙ୍କୁ ସାଧାରଣ ଜ୍ଞାନର ପାଠ ପଢିବାକୁ ପରାମର୍ଶ ଦେଇଥିଲେ ସାଂସଦ। ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଭୁବନେଶ୍ୱର ସାଂସଦଙ୍କୁ କାହିଁକି ନିମନ୍ତ୍ରଣ କରାଗଲା ନାହିଁ ବୋଲି ସେ ସିଧା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରଶ୍ନ କରିଥିଲେ। ତାଙ୍କୁ ଅପମାନିତ ଅର୍ଥ ପୁରା ଭୁବନେଶ୍ୱରବାସୀଙ୍କ ଅପମାନ ବୋଲି ସଫେଇ ଦେଇଥିଲେ। ଅପରାଜିତାଙ୍କୁ ନିମନ୍ତ୍ରଣ କରାଯାଇନଥିବା କଥା ବି ଭଲ ହେଲାନି ବୋଲି ଦଳ ମତ ନିର୍ବିଶେଷରେ ସମସ୍ତେ ମାନୁଛନ୍ତି, ନିନ୍ଦା ବି କରୁଛନ୍ତି। ଏ କଥା ବି ସତ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ବି ସାଂସଦଙ୍କର ଉଦ୍‌ବେଗକୁ ସମ୍ମାନ ଜଣାଇ ଅନୁଧ୍ୟାନ ହେବ, ଆକ୍ସନ ହେବ ବୋଲି କହିଛନ୍ତି। ମନ୍ତ୍ରୀ ଅଶୋକ ପଣ୍ଡା ମଧ ପ୍ରଶାସନ ଶୃଙ୍ଖଳିତ ହେଉ ବୋଲି ଉପଦେଶ ଦେଇ ରାଜଧାନୀର ବିକାଶରେ ସମସ୍ତଙ୍କୁ ନେଇ ଚାଲିବା ବୋଲି କଥା ଛଳରେ ପରାମର୍ଶ ଦେବାକୁ ଭୁଲି ନାହାଁନ୍ତି। ହେଲେ ଏହା ସାଂସଦଙ୍କର ସାମ୍ବିଧାନିକ ପଦ ମର୍ଯ୍ୟାଦା ପ୍ରି ଅପମାନ ବୋଲି ବିଲକୁଲ ଭାବୁନି ବିଜେପି। ସେଥିଲାଗି ତ ଅପରାଜିତାଙ୍କୁ ଅପମାନ ଦଳକୁ ବାଧିନି। ଟିକେ ଟିକେ କଥାରେ ସରକାରଙ୍କୁ ଆଙ୍ଗୁଠି ଉଠାଇ ହଲାପଟା କରୁଥିବା ପଦ୍ମ କ୍ୟାମ୍ପର ଏହାକୁ ନେଇ ଅସମ୍ଭବ ନୀରବରତା କାହିଁକି? ସତରେ କଣ ଅପରାଜିତା ସହ ଦଳ ନାହିଁକି? ବିଜେପି ଟିମ୍‌ରୁ ବାହାରେ କି ଅପରାଜିତା? ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରରୁ ଗୋଟିଏରେ ବି ବିଜେପି ଜିନିନଥିବା ବେଳେ ଭୁବନେଶ୍ୱରରୁ ଅପରାଜିତା ଜିତିଥିଲେ। ସଡକରୁ ନେଇ ସଂସଦ ଯାଏଁ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଟାର୍ଗେଟ୍ କରୁଥିବା ସାଂସଦ ଅପରାଜିତାଙ୍କ ପାଇଁ ଆଜି ଯେମିତି ତାଙ୍କ ଦଳ ହିଁ ତାଙ୍କ ସପକ୍ଷରେ ନାହିଁ। ମାଡାମଙ୍କୁ ମହଙ୍ଗା ପଡିଲା କି ଧର୍ମେନ୍ଦ୍ରଙ୍କ ସହ ପତିଆରା ଲଢେଇ। ଲାଗୁଛି ଯେମିତି ରାଷ୍ଟ୍ରୀୟ ମୁଖପାତ୍ରଙ୍କ ପାଇଁ ମୁହଁ ଖୋଲି କେହି କିଛି କହିବାକୁ ଚାହୁଁନାହାଁନ୍ତି। ଏମିତି କି ସେ ପ୍ରସଙ୍ଗକୁ ନେଇ କେହି କିଛି ଶୁଣିବାକୁ ବି ପ୍ରସ୍ତୁତ ନାହାଁନ୍ତି। ହେଲେ ପର ଅପେକ୍ଷା ଘର ଯେମିତି ତାଙ୍କୁ ଅଲୋଡା କରିଦେଲା ଭଳି ଲାଗୁଛି। ତେବେ ଆଗକୁ ଦେଖିବାକୁ ବାକି ରହିଲା ଅପରାଜିତାଙ୍କ ପାଇଁ କିଏ ବାହାରୁଛି ନାଁ ସବୁଦିନ ପାଇଁ ତାଙ୍କୁ ଅଲୋଡା କରି ଦଳ ଛାଡିଦେଉଛି।




# ଡେଡ୍‌ଲାଇନ୍ ଶେଷ, ହାତ ଚିକ୍କଣ ଯୋଗୁଁ ଅଫିସର୍‌ଙ୍କ ନାହିଁ ରିଆକ୍‌ସନ୍

**କଟକ(ସଂପର୍କବାର୍ତ୍ତା):-** ଗୋଶାଳା-ନୂଆପଡ଼ାଠାରେ ରେଲୱେ ଫ୍ଲାଏଓଭର ବ୍ରିଜ ନିର୍ମାଣଧୀନ ରହିଛି। ନିର୍ମାଣ ଆରମ୍ଭକୁ ଇତି ମଧ୍ୟରେ ୫ ବର୍ଷ ବିତିଥିଲେ ମଧ କାର୍ଯ୍ୟ ଶେଷ ହେଉନାହିଁ। କେବଳ ରେଳବାଇ ପକ୍ଷରୁ ବ୍ରିଜ ନିର୍ମାଣ କରାଯାଇଛି। ହେଲେ ପୂର୍ତ୍ତ ବିଭାଗ ଦ୍ୱାରା ବ୍ରିଜ୍‌କୁ ସଂଯୋଗକାରୀ ରାସ୍ତା କରାଯାଇ ନାହିଁ। କେବଳ ପିଲାର ଖୁଣ୍ଟି ଗୋଟିଏ ପାର୍ଶ୍ୱରେ ଛିଡ଼ା ହୋଇ ରହିଛି। ଅନ୍ୟ ପାର୍ଶ୍ୱରେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନାହିଁ। ଠିକା ସଂସ୍ଥାର ମନୋବୃତ୍ତି ଅଭାବରୁ କାର୍ଯ୍ୟ ବିଳମ୍ବ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ ଜାରି ରହିଥିବାରୁ ସେଠାରେ ଯାତାୟାତ ଲାଗି ବାଇପାସ୍ ରାସ୍ତା କରାଯାଇଛି। ଏହି ରାସ୍ତା ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବାରୁ ଟ୍ରେନ୍ ଚଳାଚଳ ସମୟରେ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଜନସାଧଶରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫ୍ଲାଏ ଓଭରବ୍ରିଜ୍‌ର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯଥାଶିଘ୍ର ଏହାକୁ ଶେଷ କରିବାକୁ ଦାବି ହୋଇଛି।

ଶିଖରପୁର ଛକରୁ ଭାୟା ମହାନଦୀ ବିହାର ଦେଇ ପ୍ରେସ୍‌ଛକକୁ ମୁଖ୍ୟ ରାସ୍ତା ଫିଟାଯାଇଛି। ପୂର୍ବାଞ୍ଚଳରେ ପରିବହନ ଓ ଯାତାୟାତ ନିମନ୍ତେ ଏହି ରାସ୍ତା ଗୁରୁତ୍ୱ ବହନ କରିଥାଏ। ଏହା ମଧ ଭାଗରେ ନୂଆପଡ଼ାଠାରେ ରେଳ ଲାଇନ୍ ଅତିକ୍ରମ କରିଛି। ଫଳରେ ଚଳାଚଳ ସମ୍ବରେ ପ୍ରତିଦିନ ଲୋକେ ଏଠାରେ ଫସି ରହୁଥିଲେ। ଏହା ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ଘଣ୍ଟା ଘଣ୍ଟା ଧରି ଯାନବାହନଗୁଡ଼ିକ ସେଠାରେ ଫସି ରହୁଥିଲା। ଅନେକ ସମୟରେ ମଧ ସେଠାରେ ଦୁର୍ଘଟଣାମାନ ଘଟୁଥିଲା। ସେଠାରେ ରେଲୱେ ଓଭରବ୍ରିଜ ନିର୍ମାଣ ଲାଗି ଦୀର୍ଘ ବର୍ଷ ହେବ ଦାବି କରାଯାଇ ଆସୁଥିଲା। ୨୦୧୭ ମସିହାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏଥି ନିମନ୍ତେ ୫୦

**ଗୋଶଳା ନୂଆପଡ଼ା ରେଲୱେ ଫ୍ଲାଏ ଓଭରବ୍ରିଜ**

କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଦୁଇବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ଇତି ମଧ୍ୟରେ ଶିଳାନ୍ୟାସକୁ ୫ ବର୍ଷ ବିତିଯାଇଥିଲେ ହେଁ କାର୍ଯ୍ୟ ଶେଷ ହୋଇ ପାରିନାହିଁ। କେବଳ ନୂଆପଡ଼ା ପାର୍ଶ୍ୱରେ ପିଲାର ତିଆରି ହୋଇଛି। ଗୋଶାଳା ପାର୍ଶ୍ୱରେ ଏ ଯାଏ କାମ ଆରମ୍ଭ ହୋଇ ନାହିଁ। ଅନ୍ୟପକ୍ଷେ ଓଭରବ୍ରିଜ ନିର୍ମାଣ ଦାୟିତ୍ୱ ରେଳବାଇର ରହିଥିଲା। ଏହା ଶେଷ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ପିଲାର ପକାଯାଇ ଏହାକୁ ସଂଯୋଗ କରାଯାଇ ଥାନ୍ତା। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଉକ୍ତ ରାସ୍ତା ଦେଇ ଯାଉଥିବା ଶତାଧିକ ଯାତ୍ରୀ ଖରାଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତବର୍ଷ ସ୍ଥାନୀୟ ବିଧାୟକ କାର୍ଯ୍ୟର ବିଳମ୍ବ ନେଇ ବିରକ୍ତି ପ୍ରକାଶ କରିଥିଲେ। ସେହି ସମୟରେ ବିଦ୍ୟୁତ୍ ବିଭାଗର ଖୁଣ୍ଟି ଓ ତାର ହଟାଉ ନଥିବାରୁ ନିର୍ମାଣରେ ବିଳମ୍ବ ହେଉଥିବା ପୂର୍ତ୍ତ ବିଭାଗ ଅଭିଯୋଗ ଆଣିଥିଲା। ଶୀତ ଦିନ ଶେଷ ହେବା ପୂର୍ବରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥିବା ସମସ୍ତ କାର୍ଯ୍ୟକୁ ଶେଷ କରିବାକୁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମଧ ଏହାର ସମାଧାନ ହୋଇ ପାରିନାହିଁ। ଖଣାଦିନ ଚାଲିଥିବାରୁ ବିଦ୍ୟୁତ୍ କଟାଯାଇ କାମ କରାଯାଇ ପାରୁନାହିଁ। ବିଭାଗୀୟ ସମନ୍ୱୟ ଅଭାବ ଓ ଠିକା ସଂସ୍ଥାର ବେପରୁଆ ମନୋବୃର୍ତ୍ତ ଯୋଗୁଁ ଜନସାଧଶରଣ ସମସ୍ୟା ଭୋଗୁଛନ୍ତି। ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ରେଳବାଇ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ କରାଯାଇଥିବା କୁହାଯାଇଥିବା ବେଳେ ୨୦୨୩ ଆରମ୍ଭ ସୁଦ୍ଧା ବ୍ରିଜକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ଶେଷ ହେବ ପୋଲି ପୂର୍ତ୍ତ ବିଭାଗର ଅଧିକାରୀ କହିଛନ୍ତି।

# ଭଣଜା ପ୍ରେମରେ ମାଇଁ ପାଗଳ

**ପାଟକୁରା(ସଂପର୍କବାର୍ତ୍ତା):-** ପରକୀୟା ପ୍ରୀତି ଭାଙ୍ଗି ଦେଲା ସୁନାର ସଂସାର। ଭଣଜା ପ୍ରେମରେ ପାଗଳୀ ହୋଇ ଫେରାର୍ ହୋଇଯାଇଥିବା ମାଇଁ ଏବେ ପୁଣି ଥରେ ଘରକୁ ଫେରିବାରୁ ମନ ବଳାଇଛି। ଏଭଳି ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଞ୍ଚଳରୁ। ମହିଳାଙ୍କ ଶ୍ୱଶୂର ଘର ଲୋକ ଏହାକୁ ବିରୋଧ କରିବାରୁ ପ୍ରେମିକ ତୁମୁଳକାଣ୍ଡ ଘଟାଇଛି। ମହିଳାଙ୍କ ଶ୍ୱଶୂରଙ୍କୁ ମଧ ମାଡ ମାରିଛି ପ୍ରେମିକ।



ପାଟକୁରା ଥାନା ରାମଚନ୍ଦ୍ରପୁରର ଜଣେ ବିବାହିତା ମହିଳାଙ୍କ ସହିତ ସମ୍ପର୍କୀୟ ଭଣଜା ରମାକାନ୍ତଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସ୍ୱାମୀ ଏହା ଜାଣିବା ପରେ ଗତ ବର୍ଷ ସ୍ତ୍ରୀକୁ ନେଇ ରାଜସ୍ଥାନ ଚାଲି ଯାଇଥିଲେ। ମାତ୍ର ପ୍ରେମିକ ଭଣଜା ସେଠାରେ ପହଞ୍ଚି ମାଇଁଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଦୁହେଁ ଏକାଠି ରହୁଥିଲେ। ମାତ୍ର ଏବେ ପ୍ରେମିକ ଜଣକ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ଏହାକୁ ଛାଡି ଦେବାକୁ କହିବାରୁ ମହିଳାଙ୍କ ଶ୍ୱଶୁର ଘର ଲୋକ ଏହାକୁ ବିରୋଧ କରିଥିଲେ।

ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରେମିକ ମହିଳାଙ୍କ ଶ୍ୱଶୂରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଶ୍ୱଶୂରଙ୍କୁ ବୋହୂର ପ୍ରେମିକ ମାଡ ମାରୁଥିବାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି।

# ନାବାଳିକା ଶାଳୀ ସହିତ ଶାରୀରିକ ରଖୁଥିଲେ ଭିଣୋଇ

**ରେଢାଖୋଲ(ସଂପର୍କବାର୍ତ୍ତା):-** ପୂର୍ବତନ ସରପଞ୍ଚଙ୍କ ନାଁରେ ଆସିଛି ସଙ୍ଗୀନ ଅଭିଯୋଗ। ସେ ତାଙ୍କ ଧରମ ଶାଳୀକୁ ଘରକୁ ଆଣି ଜବରଦସ୍ତ ବିବାହ କରିଥିଲେ। ସେ ବିରୋଧ କରିବାରୁ ଘର ଭିତରେ ଦିଆଯାଉଥିଲା ଅକଥନୀୟ ନିର୍ଯ୍ୟାତନା। ଏପରି ଅଭିଯୋଗ ଆସିଛି ସମ୍ବଲପୁର ଜିଲ୍ଲାରୁ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ୍ ଅଭିଭୁକ୍ତ ପୂର୍ବତନ ସରପଞ୍ଚଙ୍କୁ ଗିରଫ କରିଛି। ନାକଟିଦେଉଳ ଥାନା ସାହେବୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ହେଉଛନ୍ତି ବିରଞ୍ଚି ବେହେରା। ବୟସ ୫୮ ବର୍ଷ ହେବ। ବିବାହ ବହୁ ବର୍ଷ ପରେ ମଧ ତାଙ୍କର ପିଲାପିଲି ନଥିଲା। ଗତବର୍ଷ ତାଙ୍କ ପତ୍ନୀଙ୍କ ଦେହ ଅସୁସ୍ଥ ହୋଇଥିଲା। ପତ୍ନୀଙ୍କ ସେବା ଓ ଘର କାମ କରିବା ପାଇଁ ବିରଞ୍ଚି ତାଙ୍କ ଶାଳୀ(ପତ୍ନୀଙ୍କ ଧମର ବାପାଙ୍କ ଝିଅ)କୁ ଘରକୁ ନେଇ ଆସିଥିଲେ। ଏଥି ପାଇଁ ବିରଞ୍ଚିଙ୍କ ପତ୍ନୀ ଧରମ ବାପାଙ୍କ ପରିବାର ଲୋକ ସହମତି ଦେଇଥିଲେ।

ଶାଳୀ ଘରକୁ ଆସିବା ପରେ ବେସ୍ ଖୁସି ଥିଲେ ବିରଞ୍ଚି। ସେ ଆସୁ ଆସୁ ଅସୁସ୍ଥ ଧରମ ଭଉଣୀଙ୍କ କାମରେ ଲାଗି ପଡିଥିଲେ। ଏହାରି ଭିତରେ ଶାଳୀଙ୍କ ଉପରେ ପାପ ନଜର ପକାଇଲେ ବିରଞ୍ଚି। ଏପରିକି ଘର ଭିତରେ ପରିବାର ଲୋକଙ୍କ ଅଗୋଚରରେ ଜବରଦସ୍ତି ଶାଳୀଙ୍କୁ ବିବାହ କରିଥିଲେ। ତାଙ୍କ ସିନ୍ଥିତରେ ସିନ୍ଦୁର ଓ ହାତରେ ଶଙ୍ଖା ପିନ୍ଧାଇଲେ। ଘରୁ ବାହାରକୁ ଛାଡୁନଥିଲେ।

**ବିଶ୍ୱାସଘାତକ**

ବାରଣ ସତ୍ତ୍ୱେ ଶାଳୀଙ୍କ ସହିତ ବିରଞ୍ଚି ବାରମ୍ବାର



ଶାରୀରିକ ସମ୍ପର୍କ ରଖୁଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରିବାରୁ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହୋଇଛି। ଏସବୁ ଦେଖୁଥିଲେ ବିରଞ୍ଚିଙ୍କ ପତ୍ନୀ। ହେଲେ ମୁହଁ ଖୋଲୁନଥିବା ଅଭିଯୋଗ ହୋଇଛି।

ନିର୍ଯାତନା ଅସହ୍ୟ ହେବାରୁ ବିରଞ୍ଚି ଶାଳୀ ଗତ ମଙ୍ଗଳବାର ଘର ଛାଡି ତାଙ୍କ ବଡ ଭଉଣୀଙ୍କ ଘରକୁ ପଳାଇ ଯାଇଥିଲେ। ଶାଳୀଙ୍କୁ ଘରେ ନ ପାଇ ବିରଞ୍ଚି ଚାରିଆଡେ ଖୋଜିଥିଲେ। ମାତ୍ର ତାଙ୍କ ପତ୍ତା ପାଇନଥିଲେ। ପରେ ଧରମ ଶ୍ୱଶୂର ଘରକୁ ଫୋନ୍ କରି ଝିଅ କେଉଁଆଡେ ପଳାଇ ଯାଇଛି, ଥାନାରେ ଅଭିଯୋଗ କର ବୋଲି କହିଥିଲେ। ଝିଅ ନିଖୋଜ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

ପୋଲିସ୍ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ପୋଲିସ୍ ନାବାଳିକାଙ୍କୁ ତାଙ୍କ ବଡ ଭଉଣୀଙ୍କ ଘରୁ ଉଦ୍ଧାର କରି ମାଜିଷ୍ଟ୍ରେଟ୍ ଆଗରେ ୧୬୪ରେ ବୟାନ ରେକର୍ଡ କରିଥିଲା। ଆଉ ସେହି ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ପୀଡିତା ଧରମ ଭିଣୋଇ ବିରଞ୍ଚିଙ୍କ ମୁଖା ଖୋଲିଥିଲେ। ବିଗତ ଦିନରେ ଘଟିଥିବା ଗୋଟି ଗୋଟି କଥା ବଖାଣିଥିଲେ। ଏହାପରେ ପୋଲିସ୍ ବିଭିନ୍ନ ସଙ୍ଗିନ୍ ଦଫା ଲଗାଇ ବିରଞ୍ଚିଙ୍କୁ ଗିରଫ କରିଛି। ତାଙ୍କ ନାଁରେ ପୋଲିସ୍ ବାଲ୍ୟବିହାହ, ଘରେ କାମ କରାଇବା, ଦୁଷ୍କର୍ମ ଭଳି ବିଭିନ୍ନ ସଂଗୀନ ଦଫା ଲଗାଇ ଥିବା ଜଣାପଡିଛି।

ଅନ୍ୟପକ୍ଷରେ, ବିରଞ୍ଚି କହିଛନ୍ତି, ମୁଁ ନିର୍ଦ୍ଦୋଷ। କେବଳ ପତ୍ନୀଙ୍କ ଦେହ ଖରାପ ପାଇଁ ମୁଁ ଘରେ ରଖିଥିଲି। କୌଣସି ଅପରାଧ କରିନି ସଫେଇ ଦେଇଛନ୍ତି ବିରଞ୍ଚି ବେହେରା।

# 5T ଅନ୍ତର୍ଗତ ରୂପାନ୍ତରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** 5T ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ, ଟାସ୍କ ଫୋର୍ସ-ବି ଅଧୀନରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପରିଚାଳନା ୟୁନିଟ୍ ଏବଂ ଆକାଂକ୍ଷା ଇନ୍‌କ୍ୟୁବେଟର ଗଠନ ଉପରେ ଏକ ପରାମର୍ଶଦାତା ବୈଠକ, ଭୁବନେସ୍ୱର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା, ଅନୁପନ ଶାହା ଅଧ୍ୟକ୍ଷତା କରିଥିଲେ। ଓସେପାର ବହୁପଦାଧିକାରୀ, ବିଭିନ୍ନ ଜିଲ୍ଲାର ଅତିରିକ୍ତ ଜିଲ୍‌ଲ ଶିକ୍ଷା ଅଧିକାରୀ ଏବଂ 5T କାର୍ଯ୍ୟକ୍ରମ ସହିତ ଜଡିତ ବାହ୍ୟ ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବେଠକରେ ଉପସ୍ଥିତ ଥିବା ବାହ୍ୟ ସହଭାଗୀ ପ୍ରତିନିଧିମାନେ ହେଲେ SCERT, NCERT ଗ୍ରାମ ତରଙ୍ଗ, ଟ୍ରାନ୍ସଫର୍ମ ସ୍କୁଲ, ଲ୍ୟାଣ୍ଡ-ଏ-ହ୍ୟାଣ୍ଡ, ବୋଷ୍ଟନ୍ କନ୍‌ସଲ୍ଟିଂ ଗ୍ରୁପ୍, ୟୁନିସେଫ୍, ପିରାମଲ୍ ଫାଉଣ୍ଡେସନ୍, ଶିକ୍ଷା ବିଶେଷଜ୍ଞ ପ୍ରିନ୍ସିପାଲ ଆଡଭାଇଜର୍(ଶିକ୍ଷା) ଏବଂ PHDMA ର ପରାମର୍ଶଦାତା।

ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି 5T ହାଇସ୍କୁଲ୍ ଟ୍ରାନ୍ସଫର୍ମେସନ୍ ପ୍ରୋଗ୍ରାମକୁ ପୁନଃ ସମୀକ୍ଷା କରିବା, କାର୍ଯ୍ୟକ୍ରମର ବିଜୟ ଏବଂ ଅଗ୍ରଗତି ବିଷୟରେ ଅଲୋଚନା କରିବା, ରୂପାନ୍ତରଣର ୪ଟି ଆକାଂକ୍ଷା ଇନ୍‌କ୍ୟୁବେଟରର ମୂଳଦୁଆ ବୁଝିବା ଓ ଭବିଷ୍ୟତରେ ଏହି କାର୍ଯ୍ୟକ୍ରମକୁ ସୁଗମ କରିବା ଦିଗରେ ବାହ୍ୟ ସହଭାଗୀ ପ୍ରତିନିଧୀ ଏବଂ ଶିକ୍ଷା ବିଶେଷଜ୍ଞଙ୍କ ଭୂମିକା ବୁଝିବା।

# ଗୋହତ୍ୟା ଏବଂ ବେଆଇନ୍ ଗୋଚାଲାଣ ବନ୍ଦ ଦାବୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ଦିନକୁ ଦିନ ଗୋହତ୍ୟା ଏବଂ ବେଆଇନ୍ ଗୋଚାଲଣ ବୃଦ୍ଧି ପାଇବାରେ ଲାଗିଛି। ଗୋହତ୍ୟା ରୋକିବା ନିମିତ୍ତ ପ୍ରାଣୀତ ଆଇନ୍, ଓଡ଼ିଶା ଗୋହତ୍ୟା ନିଷେଧ ଅଧିନିୟମ, ୧୯୬୦ ଆଦୌ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଜଣେ ଆବେଦନକାରୀଙ୍କ ଶୁଣାଣି ଉପରେ ବୁଧବାର ଦିନ ଏହା ଉପରେ ମାନ୍ୟବର ହାଇକୋର୍ଟ ରାଜ୍ୟ ଗୃହ ସଚିବ, ପୋଲିସ୍ ଡିଜିଙ୍କୁ ନୋଟିସ୍ ଜାରି କରିଛନ୍ତି। ଜଣେ ଭାଇର ଅସ୍ଥା ଏବଂ ଶ୍ରଦ୍ଧାର କେନ୍ଦ୍ର ଗୋ-ମାତାର ହତ୍ୟା କରାଯାଉଛି। ଏଣେ କିନ୍ତୁ, ଭାଇଚାରର କଥା କୁହାଯାଉଛି। ଏପରି କ'ଣ ଭାଇଚାରା ସମ୍ଭବ ବୋଲି ପ୍ରଶ୍ନ କରିଛନ୍ତି ବିଜେପି ନେତ୍ରୀ ହରିପ୍ରିୟା ସାହୁ। ବାସ୍ତବରେ ଗୋ-ଚାଲାଣକାରୀମାନଙ୍କ ଠାରୁ ପୋଲିସ୍ ମୋଟା ଆକାରରେ ଚାନ୍ଦା ନେଉଛି। ତେଣୁ ଗୋଚାଲାଣକୁ ବନ୍ଦ କରିବ କ'ଣ ଓଲଟି ପୋଲିସ୍ ଗୋଚାଲାଣକାରୀଙ୍କୁ ସୁରକ୍ଷା ଦେଉଛି। କେହି




ଗୋରକ୍ଷକ ବେଆଇନ୍ ଗୋଚାଲାଣକୁ ବିରୋଧ କଲେ କିମ୍ବା ସେମାନଙ୍କୁ ଅଟକାଇ ପୋଲିସ୍‌କୁ ଜଣାଇଲେ ପୋଲିସ୍ ଓଲଟି ଗୋରକ୍ଷକ ନାମରେ ମିଥ୍ୟା ମକଦ୍ଦମା ଗୁଡାଏ ଲଗାଇ ସେମାନଙ୍କୁ ହଇରାଣ ହରକତ କରୁଛି। ରାଜଧାନୀ ଭୁବନେଶ୍ୱର ଦେଇ ପ୍ରତ୍ୟହ ଅନେକ ଗୋରୁ ଗାଡି ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଚାଲାଣ ହେଉଛି। ଓଡ଼ିଶା ଗୋହତ୍ୟା ନିଷେଧ ଅଧିନିୟମ ୧୯୬୦ ସମେତ ପଶୁ ନିଷ୍ଠୁରତା ନିବାରଣ ଆଇନ୍‌ର ଉଲଙ୍ଘନ କରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପ୍ରତ୍ୟେହ ଗୋରୁ ଚାଲାଣ ହେଉଛନ୍ତି। ଗୋହତ୍ୟା ଏବଂ ବେଆଇନ୍ ଗୋ-ଚାଲାଣ ବନ୍ଦ କରିବାକୁ ହେଲେ, ଗୋହତ୍ୟା ନିଷେଧ ଅଧିନିୟମକୁ କଡାକଡି ଭାବରେ ପାଳନ କରାଯାଉ ଅଥବା ଏହି ଆଇନ୍‌ରେ କିଛି ତ୍ରୁଟି ବିଚ୍ୟୁତି ରହିଥିଲେ ସଂଶୋଧନ କରାଯାଇ ଆହୁରୀ ଅଧିକ କଡାକଡି ଆଇନ୍ ଲାଗୁ କରାଯାଉ ବୋଲି ଦାବୀ କରିଛନ୍ତି ହରପ୍ରିୟା ସାହୁ।

# ବାଦାମବାଡ଼ିର ଅବସର ଯନ୍ତ୍ରୀଙ୍କୁ ପୁନଃନିଯୁକ୍ତିରେ ଅସନ୍ତୋଷ ବଢୁଛି

**କଟକ(ସଂପର୍କବାର୍ତ୍ତା):-** ଆମର ଲୋକପ୍ରିୟ ସରକାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନା କରି ଶିକ୍ଷିତ ଯୁବକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ଖୋଲିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ୍। ଏହାର ନଗ୍ନ ଉଦାହରଣ ହେଲା ଲକ୍ଷ ଲକ୍ଷ ବେକାର ଇଞ୍ଜିନିୟର ଥିବାବେଳେ ନିର୍ମାଣ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ସହକାରୀ ଯନ୍ତ୍ରୀ (ସିଭିଲ) ଭାବେ ନିଯୁକ୍ତି ଦେଇ କଟକ ଠାରେ ଥିବା କନଷ୍ଟ୍ରକସନ୍ ଇଞ୍ଜିନିୟରିଂ କାର୍ଯ୍ୟାଳୟ ଅଧିନରେ ଥିବା ବାଦାମବାଡ଼ି (ଆର ଆଣ୍ଡ ବି) ସେକ୍ସନରେ ଓସଡ଼ି ଭାବେ ଅବସ୍ଥାପିତ କରିଛନ୍ତି। ନିର୍ମାଣ ବିଭାଗର ପତ୍ର ସଂଖ୍ୟା ୧୭୩୩, ତା ୦୬.୦୪.୨୨ରେ ଏବଂ ଶ୍ରୀ ଅଜୟ କୁମାର ଦାସ ତାଙ୍କ କାର୍ଯ୍ୟରେ ଗତ ୧୩.୦୪.୨୦୨୨ରେ ଯୋଗଦାନ କରିଅଛନ୍ତି। ଏଥିରୁ ଜଣାପଡୁଛି ବେକାର ସମସ୍ୟା ସମାଧାନ ପାଇଁ ନିର୍ମାଣ ବିଭାଗ କେତେ ଦୂର ତତ୍‌ପର ଓ ରାଜ୍ୟ ସରକାରଙ୍କର କଥା ଓ କାମ ଭିତରେ କେତେ ସାମଞ୍ଜସ୍ୟ। ପୂର୍ତ୍ତ ବିଭାଗର ଜୈନିକ ସ୍ୱତନ୍ତ୍ର ଶାସନ ସଚୀବ ସରକାରଙ୍କୁ ଭୁଲ ତଥ୍ୟ ଦେଇ ଏହିଭଳି କମ କାମ କରୁଥିବା ନେଇ ଚାରିଆଡ଼େ ଚର୍ଚ୍ଚା ଧରିଛି। ଯାହାକି ଅନୁସନ୍ଧାନ ସାପେକ୍ଷ।

# ରାସ୍ତାକୁ ଗାଈ ବଳଦ ଛାଡିଲେ ମାଲିକ ଗଣିବେ ଜରିମାନା

**ବଲାଙ୍ଗିର(ସଂପର୍କବାର୍ତ୍ତା):-** ବୁଲା ଗାଈ ବଦଳଙ୍କ ଯୋଗୁଁ ବିଭିନ୍ନ ସମୟରେ ବଲାଙ୍ଗୀର ସହରରେ ଦୁର୍ଘଟଣା ଘଟୁଛି। ତେଣୁ ଦୀର୍ଘ ଦିନରୁ କାଞ୍ଜିଆ ହୁଦା ଆରମ୍ଭ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ତେବେ ଏହାର ବିକଳ୍ପ ସମାଧାନ ବାଟ ବାହାର କରିଛି ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ପୌରପାଳିକା। ଗାଈ ବଳଦ ମାଲିକ ନିଜ ଗାଈ ବଦଳଙ୍କୁ ଘରେ ନ ରଖି ରାସ୍ତାରେ ଛାଡିଲେ ଦଣ୍ଡ ଗଣିବେ। ସାତ ଦିନ ମଧ୍ୟରେ ଯଦି ମାଲିକ କିଛି ପଦକ୍ଷେପ ନ ନିଅନ୍ତି ତା ହେଲେ ଗାଈ ବଦଳଙ୍କୁ ନିଲାମ କରାଯିବ ବୋଲି ଚେତାବନୀ ଦିଆଯାଇଛି ପୌରପାଳିକା ପକ୍ଷରୁ। ଏ ନେଇ ଡାକବାଜି ଯନ୍ତ୍ର ସହାୟତାରେ ଘୋଷଣା ବି କରାଯାଇଛି ସହରରେ। ପୂର୍ବରୁ ବିନା ଦ୍ୱିଧାରେ ସହର ମଧ୍ୟରେ ଗାଈ ବଦଳ ଛାଡୁଥିବା ମାଲିକମାନଙ୍କ ମଧ୍ୟରେ ଛନକା ପଶିଛି।

ସୂଚନା ଅନୁସାରେ ବଲାଙ୍ଗିର ସହରରେ ବୁଲା ଗାଈ ବଳଦଙ୍କ ପାଇଁ ସମସ୍ୟା ଅନେକ ହେଉଛି। ସହରରେ ମାଳ ମାଳ ଗାଈ ବଳଦ, ସେମାନଙ୍କ ସଂଖ୍ୟା ହଜାରେରୁ ଊର୍ଦ୍ଧ୍ୱ ହେବ। କେଉଁଠି ରାସ୍ତା କବଜା କଲେଣି ତ ଦୈନିକ ବଜାରରେ ପରିବାର ଦୋକାନୀଙ୍କ ପାରିବା ଖାଇ ଗଲେଣି। ରାତି ଅନ୍ଧାରରେ ଲୋକେ ଗାଈ ବଳଦ ଜାଣି ନପାରି ଦୁର୍ଘଟଣାର ଶିକାର ବି ହେଉଛନ୍ତି। କିଛି ଲୋକଙ୍କ ପ୍ରାଣ ବି ଯାଉଛି। ତେଣୁ ବୁଲା ଗାଈ ବଳଦଙ୍କୁ ଅବାଧରେ ବଜାର, ରାସ୍ତା ଉପରକୁ ଛାଡୁଥିବା ମାଲିକମାନଙ୍କ ଉପରେ ପୌରପାଳିକା କଠୋର ପଦକ୍ଷେପ ନେବାକୁ ଯାଉଛି। ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ କହିବା ଅନୁସାରେ, ପ୍ରଶାସନ ଓ ଗୋଶାଳା ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ଅବାଧରେ ବୁଲୁଥିବା ଗାଈ ବଳଦଙ୍କୁ ଉଦ୍ଧାର କରାଯାଇ ଗୋଶାଳାରେ ନିର୍ମାଣ ହୋଇଥିବା ବିକଳ୍ପ କେନ୍ଦ୍ରରେ ରଖାଯିବ। ୭ ଦିନ ମଧ୍ୟରେ ଗାଈ ବଳଦ ମାଲିକ ଅଢେଇ ଶହ ଟଙ୍କା ଜୋରିମାନା ଗଣି ତାଙ୍କ ଗାଈ ବଳଦଙ୍କୁ ନେଇପାରିବେ। ନହେଲେ ଗାଈ ବଳଦଙ୍କୁ ନିଲାମ କରାଯିବ ବୋଲି ରୋକଠୋକ୍ ଶୁଣାଇ ଦେଇଛନ୍ତି ନିର୍ବାହୀ ଅଧିକାରୀ ଶ୍ରୀ ଦୀପ। ବିଳମ୍ବରେ ହେଲେ ମଧ ପୌରପାଳିକା ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଏକୋଇଶିଆ ଭୋଜି ଖାଇ ୪୦ ଅସୁସ୍ଥ

**ଧାମନଗର(ସଂପର୍କବାର୍ତ୍ତା):-** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ହସନାବାଦ ପଞ୍ଚାୟତ ତଳଅସ୍ତକ ଗାଁରେ ଏକୋଇଶିଆ ଭୋଜି ଖାଇ ୪୦ରୁ ଅଧିକ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଛୋଟପିଲା ରହିଛନ୍ତି। ଗୁରୁବାର ରାତିରେ ତଳଅସ୍ତକ ଗ୍ରାମର ବେହେରା ସାହିରେ ଦସରଥ ବେହେରାଙ୍କ ନାତିର ଏକୋଇଶିଆ ପୂଜା ହୋଇଥିଲା। ଶତାଧିକ ଲୋକ ଏକୋଇଶିଆ ଭୋଜି ଖାଇଥିବାବେଳେ ସେଥିମଧ୍ୟରୁ ୪୦ ଜଣ ଅସୁସ୍ଥ ହୋଇପଡିଥିଲେ। ପରଦିନ ସକାଳୁ ସେମାନଙ୍କ ମୁଣ୍ଡବିନ୍ଧା, ଝାଡାବାନ୍ତି ହୋଇଥିଲା। ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡିବାରୁ ସମସ୍ତଙ୍କୁ ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଭଦ୍ରକରୁ ଏକ ଡାକ୍ତରୀ ଦଳ



ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି।

# ଶନିବାର ମହାଉପାୟ ! କରନ୍ତୁ ଏହି ଉପାୟ
# ଶନିଦେବ ହେବେ ପ୍ରସନ୍ନ, ଚମକି ଉଠିବ ଭାଗ୍ୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସନାତନ ଧର୍ମରେ ଶନି ଦେବଙ୍କୁ ନ୍ୟାୟଧୀଶ ବୋଲି କୁହାଯାଏ ସେ ଲୋକମାନଙ୍କୁ ତାଙ୍କ କର୍ମ ଅନୁସାରେ ଫଳ ପ୍ରଦାନ କରନ୍ତି। ଭଲ କର୍ମରେ ଭଲ ଫଳ ଓ ମନ୍ଦ କର୍ମରେ ଦଣ୍ଡ ଦେଇଥାନ୍ତି। ଜ୍ୟୋତିଷଙ୍କ ଅନୁସାରେ ଶନିଦେବଙ୍କର ଏହି ଦଣ୍ଡ ବିଧାନ ହେତୁ ତାଙ୍କୁ ଦୂର କୁହାଯାଏ। ଏହାକୁ ନେଇ ଲୋକମାନଙ୍କ ମନରେ ଭୟ ଜାତ ହୁଏ। କିନ୍ତୁ ଶନିଦେବ କେବଳ ମନ୍ଦକର୍ମ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦେଇଥାନ୍ତି। ଯଦି ଶନିଦେବ ପ୍ରସନ୍ନ ହୋଇଯାଆନ୍ତି ତେବେ ସେ ବ୍ୟକ୍ତିଙ୍କୁ ଆଶୀର୍ବାଦ ଦେଇ ବହୁତ ଉନ୍ନତି କରାଇଥାନ୍ତି।

ଯାହାକି ବ୍ୟକ୍ତି କଳ୍ପନା କରିପାରେ ନାହିଁ। ଯେପରିକି ମନ୍ଦ କର୍ମ କରୁଥିବା ବ୍ୟକ୍ତିକୁ ରାଜାରୁ ରଙ୍କ କରନ୍ତି ଓ ବଲ କର୍ମ କରୁଥିବା ବ୍ୟକ୍ତିଙ୍କୁ ରଙ୍କରୁ ରାଜା କରିଦିଅନ୍ତି। ବୈଦିକ ଜ୍ୟୋତିଷରେ ସପ୍ତାହକ ୭ ଦିନରୁ ଶନିବାରକୁ ଭଗବାନ ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ସହଜ ହୁଏ ବୋଲି ମନା ଯାଇଛି। ସେହିପରି ଧାର୍ମିକ ମାନ୍ୟତା ଅନୁସାରେ ଏହି ଦିନ ସକାଳ ସମୟରେ କିଛି ଜିନିଷ ଦେଖିବା ମଧ୍ୟ ବହୁତ ଶୁଭ ହୋଇଥାଏ।

ଯାହାକି ଜଣାଯାଏ ଯେ ଶନିଦେବ ଆପଣଙ୍କ ଉପରେ ପ୍ରସନ୍ନ ହୋଇଛନ୍ତି ଓ ସେହିଦିନ ସବୁ କାର୍ଯ୍ୟରେ ସାହାଯ୍ୟ ମଧ୍ୟ କରିବେ। ଜ୍ୟୋତିଷଙ୍କ ଅନୁସାରେ ଶନିବାର ଦିନ ସକାଳ ସମୟରେ କିଛି ବିଶେଷ ଜିନିଷ ଦେଖିବା ବହୁତ ଶୁଭ ମନାଯାଏ, ଏହା ମାନ୍ୟତା ଅଛି କି ଏହି ଜିନିଷ ଦେଖିବା ଏକ




ସଙ୍କେତ ହୋଇଥାଏ। ଯାହା କି ଆପଣଙ୍କର ଦିନ କେବଳ ଶୁଭ ହେବା ସହିତ ଆପଣଙ୍କ ଉପରେ ଶନିଦେବଙ୍କର ବିଶେଷ କୃପା ରହିଥାଏ।

ପଣ୍ଡିତଙ୍କ ଅନୁସାରେ ଶନିଦେବ ଲୋକମାନଙ୍କର କର୍ମ ଅନୁସାରେ ଫଳ ଦେଇଥାନ୍ତି। ଯଦି ଶନିବାର ଦିନ କିଛି ଶୁଭ ସଙ୍କେତ ଦେଖାଯାଏ ତେବେ ସେହି ସମୟରେ କରିଥିବା ସଠିକ୍ କାର୍ଯ୍ୟ ଶନିଦେବଙ୍କର କୃପାର ପାତ୍ର ହୋଇଥାନ୍ତି।

ଶନିବାର ଦିନ ଶନିଦେବଙ୍କ ସଙ୍କେତ-

୧. ଶନିବାର ଦିନ ସକାଳୁ ସଫେଇ କର୍ମଚାରୀଙ୍କୁ ଦେଖୁ ଶୁଭ କୁହାଯାଏ। ଏହିପରି ଶନିଦେବଙ୍କ କୃପା ରହିବା ପାଇଁ ଶୁଦ୍ଧ ମନରେ ସେହି ସଫେଇ କର୍ମଚାରୀଙ୍କୁ କିଛି ପଇସା ଓ କଳା ରଙ୍ଗର ବସ୍ତ୍ର ଦାନ କରନ୍ତୁ।

୨. ଶନିବାର ଦିନ ସକାଳୁ କଳା ରଙ୍ଗର କୁକୁର ଦେଖିବା ମଧ୍ୟ ଶୁଭ ହୋଇଥାଏ। ଏହା ଶନିଦେବଙ୍କ ସଙ୍କେତ ଅଟେ। ମାନ୍ୟତା ଅନୁସାରେ ଯଦି ଶନିବାର ଦିନ କଳା କୁକୁରକୁ ଦେଖିବେ ତେବେ ତାକୁ ରୋଟି ବା ବିସ୍କୁଟ ଆଦି ଖାଇବାକୁ ଦିଅନ୍ତୁ।

୩. କୁହାଯାଏ କି ଯଦି ଆପଣ ପ୍ରତି ଶନିବାର କଳା କୁକୁରକୁ ରୋଟି ବା ବିସ୍କୁଟ ଆଦି ଖାଇବାକୁ ଦିଅନ୍ତି ତେବେ ଆପଣଙ୍କ ଉପରେ ଶନିଦେବଙ୍କର କୃପା ସର୍ବଦା ମିଳିଥାଏ।

୪. ଏହା ବ୍ୟତୀତ ଯଦି ଶନିବାର ଦିନ କୌଣସି ଗରିବ ବା ଭିକାରି ଦେଖା ଦିଅନ୍ତି ତେବେ ତାଙ୍କୁ ନିଶ୍ଚୟ କିଛି ଦାନ କରନ୍ତୁ। କୁହାଯାଏ କି ଏପରି କଲେ ଶନିଦେବ ଖୁସି ହୁଅନ୍ତି।

୫. ଯଦି କୌଣସି ଗରିବ ବା ଭିକାରୀଙ୍କୁ ଅପମାନ କରନ୍ତି ତେବେ ଶନିଦେବ କ୍ରୋଧୀତ ହୁଅନ୍ତି।

# ଆସନ୍ତୁ ଜାଣିବା କଣ ରହିଛି ପ୍ରତିଦିନ ସକାଳୁ ଜୁଆଣି ଓ ଜିରାରେ ପ୍ରସ୍ତୁତ ଚା ପିଇବାର ଅଦ୍ଭୁତ ଲାଭ

**ବାରିପଦା(ସଂପର୍କବାର୍ତ୍ତା):-** ଆୟୁର୍ବେଦ ଅନୁସାରେ ଜୁଆଣି ଓ ଜିରାରେ ପ୍ରସ୍ତୁତ ଚା ସେବନ କରିବା ଦ୍ୱାରା ଜୁଆଣିରେ ଥିବା ଥାଇମୋଲ ନାମକ ରସାୟନ ଓଜନ କମାଇବାରେ ସାହାଯ୍ୟ କରିଥାଏ। ଜୁଆଣି ପାଚନ ପ୍ରକ୍ରିୟାକୁ ଠିକ୍ ରଖିଥାଏ ଓ ଜିରା ମେଦ ବହୁଳତା ହ୍ରାସ କରିଥାଏ।

- ସଂକ୍ରମଣରୁ ରକ୍ଷା କରିଥାଏ, ଜୁଆଣି ଗୋଟିଏ ଗରମ ପଦାର୍ଥ ହୋଇଥିବା କାରଣରୁ ବିଭିନ୍ନ ସଂକ୍ରମଣକୁ ଠିକ୍ କରିବାରେ ସାହାଯ୍ୟ କରିଥାଏ। ଯେଉଁମାନଙ୍କୁ ଜୁଆଣି ସୁଟ କରୁନାହିଁ ଜିରା ପାଣିରେ ମହୁ ମିଶାଇ ସେବନ କରି ପାରିବେ ଯାହା ବିଭିନ୍ନ ସଂକ୍ରମଣରୁ ଦୂରେଇ ରଖିବ।
- ଯନ୍ତ୍ରଣାରୁ ଆରାମ, ଜୁଆଣି ଓ ଜିରାରେ ପ୍ରସ୍ତୁତ ଚା ଗ୍ୟାସ ଜନିତ ସମସ୍ୟାରୁ ଆରାମ ଦେଇଥାଏ। ଏହା ସହିତ ଶରୀରରେ ଇନ୍‌ଫେକ୍ସନକୁ କମ କରିଥାଏ ଶରୀରକୁ ଯନ୍ତ୍ରଣାରୁ ଦୂରେଇ ରଖିଥାଏ। ଯାହାଦ୍ୱାରା ଗରମ ଦିନରେ ଆମେ କାଶ ଥଣ୍ଡା ଓ



କଫ ଠାରୁ ଦୂରେଇ ରହିଥାଉ।

- ଆସ୍ଥମା ପାଇଁ ହିତକର, ଜୁଆଣିର ମହକ ଆସ୍ଥମା ରୋଗୀଙ୍କ ପାଇଁ ଖୁବ ଗୁଣକାରୀ। ଏହାର ଚା ମହକରୁ ନିଶ୍ୱାସ ପ୍ରଶ୍ୱାସ ଠିକ୍ ଭାବରେ ନେଇ ହୁଏ।
- ତ୍ୱଚା ପାଇଁ ଲାଭ ଦାୟକ, ଜିରା ଓ ଜୁଆଣି ବା ଡିଟକ୍ସ ଚା ମଧ୍ୟ କୁହାଯାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥକୁ ଝାଳ ଦ୍ୱାରା ବାହାର କରି ତ୍ୱଚାକୁ ସୁନ୍ଦର ରଖିଥାଏ। ଜିରାରେ ଭିଟାମିନ-ଇ ରହିଥାଏ ଯାହା ସୁସ୍ଥ ତ୍ୱଚା ପାଇଁ ହିତକର ପାଚନ କ୍ଷମତା ବୃଦ୍ଧି କରିଥାଏ। ଏସିଡିଟି ସମସ୍ୟା ଦୂର କରିଥାଏ।
- ଶକ୍ତି ଯୋଗାଇ ଥାଏ, ଜୁଆଣି ଓ ଜିରାରେ ପ୍ରସ୍ତୁତ ଚା ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରିଥାଏ। ଏଥିରେ ଇଲେକ୍ଟ୍ରିଲାଇଟ୍ସ ବାଲାନ୍ସ ରହିଥାଏ ତେଣୁ ଶରୀରକୁ ଶକ୍ତି ମିଳିଥାଏ।
- ପ୍ରତିଦିନ ସକାଳୁ ଏହାକୁ ଖାଲି ପେଟରେ ସେବନ କରିବା ଆବଶ୍ୟକ।

# ମହିଳାମାନେ କଦାପି ଖୋଲା କେଶରେ ତୁଳସୀରେ ଜଳ ଦେବା ଉଚିତ ନୁହେଁ, ଜୀବନକୁ ମାଡି ଆସିଥାଏ ବିପଦ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ତୁଳସୀ ବୃକ୍ଷ ହେଉଛି ଗୋଟିଏ ଏପରି ବୃକ୍ଷ ଯାହାର ଆମ ହିନ୍ଦୁ ଧର୍ମରେ ଜନ୍ମରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ମହତ୍ୱ ରହିଛି। ହିନ୍ଦୁ ଘରର ମାନ୍ୟତା ଅନୁସାରେ ଘର ଅଗଣାରେ ତୁଳସୀ ବୃକ୍ଷ ରହିବା ଦ୍ୱାରା ଘରକୁ ସକରାତ୍ମକ ଶକ୍ତି ଆସିଥାଏ। ତୁଳସୀ ବୃକ୍ଷ ଘରର ବାତାବରଣରେ ଶୁଦ୍ଧତା ଆଣିଥାଏ ଓ ବାସ୍ତୁ ଦୋଷ ଠିକ କରିଥାଏ।

- ବାସ୍ତୁଦୋଷ ଅନୁସାରେ ଉପଯୁକ୍ତ ଦିଗ- ତୁଳସୀ ବୃକ୍ଷକୁ ସବୁବେଳେ ଠିକ ଦିଗରେ ଲଗାଇବା ଆବଶ୍ୟକ। ଯଦି ଉତ୍ତର ପୂର୍ବ ଦିଗ ଛଡା ଅନ୍ୟ ଦିଗରେ ଲଗାଇବା ତେବେ ଘରର ବାତାବରଣ ଶୁଦ୍ଧ ହୋଇଥାଏ। ନଚେତ ଶାରୀରିକ ହାନି ସହିତ ଆର୍ଥିକ ହାନି ମଧ୍ୟ ହୋଇଥାଏ।
- ମହିଳାମାନେ ଖୋଲା କେଶରେ ତୁଳସୀ ମୂଳରେ ଜଳ ଦେବା ଉଚିତ ନୁହେଁ, ସାଧାରଣତଃ ମହିଳାମାନେ ଗାଧୋଇ ସାରିବା ପରେ ଖୋଲା କେଶରେ ତୁଳସୀ ବୃକ୍ଷରେ ଜଳ ଦେଇ ଥାଆନ୍ତି। ତୁଳସୀଙ୍କ ବିଷ୍ଣୁଙ୍କ ନିକଟରୁ ଅହ୍ଵି ସୁଲକ୍ଷଣୀ ହେବାର ବରଦାନ ମିଳିଥାଏ। ତେଣୁ ସକାଳୁ ଗାଧୋଇ ସାରି କେଶକୁ ବାନ୍ଧି ମୁଣ୍ଡରେ ସିନ୍ଦୁର ଲଗାଇ ତୁଳସୀଙ୍କୁ ପାଣି ଦ୍ୱାରା ସୌଭାଗ୍ୟରେ ବୃଦ୍ଧି



ହୋଇଥାଏ। କାରଣ ଖୋଲା କେଶ କାମୁକ ଭାବକୁ ଦର୍ଶାଇଥାଏ। ତେଣୁ ଶାସ୍ତ୍ର ଅନୁସାରେ ଯଦି ସଧବା ନାରୀ ଖୋଲା କେଶରେ ତୁଳସୀଙ୍କୁ ଜଳ ଅର୍ପଣ କରିଥାଏ ସ୍ୱାମୀଙ୍କ ଜୀବନରେ ବିପଦ ଆସିଥାଏ।

- ଏହିସବୁ କାର୍ଯ୍ୟ ତୁଳସୀଙ୍କ ନିକଟରେ କରନ୍ତୁ ନାହିଁ- ତୁଳସୀ ନିକଟରେ କଦାପି ଆବର୍ଜନା ରଖିବା ଉଚିତ ନୁହେଁ, ତୁଳସୀ ବୃକ୍ଷ ନିକଟରେ ଅନ୍ୟ କୌଣସି ଗଛ ଲଗାଇବା ଉଚିତ ନୁହେଁ। ପ୍ରତି ଶନିବାର ଦିନ ତୁଳସୀରେ ଦୁଗ୍ଧ ଓ ଜଳ ମିଶାଇ ଅର୍ପଣ କରିବା ଦ୍ୱାରା ଘରୁ ଦରିଦ୍ରତା ନାଶ ହୋଇଥାଏ।
- ସନ୍ଧ୍ୟା ସମୟରେ ତୁଳସୀ ନିକଟରେ ଏହି କାର୍ଯ୍ୟ କରନ୍ତୁ ନାହିଁ

ସନ୍ଧ୍ୟା ସମୟରେ ଯଦି ତୁଳସୀଙ୍କୁ ପୂଜା କରୁଛନ୍ତି ତେବେ କଦାପି ଜଳ ଅର୍ପଣ କରନ୍ତୁ ନାହିଁ ଏହାଦ୍ୱାରା ଘରକୁ ବିପଦ ଆସିଥାଏ। ଏହାପରେ ଯେବେବି ତୁଳସୀ ନିକଟରେ ସନ୍ଧ୍ୟା ସମୟରେ ତୁଳସୀ ନିକଟରେ ଦୀପ ଜଳାଉଛନ୍ତି ଦୀପ ଲିଭିବା ପରେ ତୁରନ୍ତ ଦୀପ ଉଠାଇ ନିଅନ୍ତୁ। ନଚେତ ଜୀବନରେ ଦରିଦ୍ରତା ଦେଖାଦିଏ।

# ଖରାଦିନେ ଲାଉ ଜୁସ୍ ଅମୃତ ସମାନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଲାଉ ଗୋଟିଏ ଏଭଳି ପରିବା ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ ଅଟେ। ଏହା ଗୋଟିଏ ଥଣ୍ଡା ପରିବା ହୋଇଥିବା କାରଣରୁ ଗ୍ରୀଷ୍ମଋତୁ ପାଇଁ ଖୁବ ଉପଯୋଗୀ। ଲାଉକୁ ଆମେ ତରକାରୀ, ରାଇତା, ସାଲାଡ ଓ ଜୁସ୍ ଭାବରେ ସେବନ କରିଥାଉ। ଲାଉରେ ପ୍ରଚୁର ପରିମାଣରେ ଜଳୀୟ ଅଂଶ ରହିଥାଏ ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଡି ହାଇଡ୍ରେଡ୍ କରି ରଖିଥାଏ। ଯେଉଁ କାରଣରୁ ଶରୀରରୁ ଜଳୀୟ ଅଂଶ କମି ନଥାଏ।

ଲାଉରେ ପ୍ରଚୁର ପରିମାଣରେ ଆଇରନ ରହିଥାଏ। ଯାହା ରକ୍ତହୀନତା ଠାରୁ ଦୂରେଇ ରଖିଥାଏ। ଏହାଛଡା ଫାଇବର ରହିଥାଏ ଯାହା ପେଟକୁ ବିଭିନ୍ନ ସମସ୍ୟା ଠାରୁ ଦୂରେଇ ରଖିଥାଏ। ଏହାଛଡା ଭିଟାମିନ୍ ବି,ସି ଓ ସୋଡିୟମ୍ ପ୍ରଚୁର ମାତ୍ରାରେ ମିଳେ।

- ଲାଉ ଜୁସ୍ ବାନ୍ତି, ମୁଣ୍ଡ ବୁଲା, ଇତ୍ୟାଦି ସମସ୍ୟାକୁ ଗ୍ରୀଷ୍ମ ଋତୁରେ ଠିକ କରିଥାଏ। ଶରୀରକୁ ଥକାପଣରୁ ମଧ୍ୟ ଦୂରେଇ ରଖିଥାଏ।
- ଯେଉଁ ଲୋକଙ୍କର ବ୍ଲଡ୍ ପ୍ରେସର ସମସ୍ୟା ରହିଛି ଲାଉ ଜୁସ ସେମାନଙ୍କ ପାଇଁ ଖୁବ ହିତକର। ଲାଉରେ ପୋଟାସିୟମ୍ ରହିଥାଏ ତେଣୁ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ।



- ଲାଉ ଜୁସ୍ ଖାଲି ପେଟରେ ପିଇବା ଦ୍ୱାରା ପାଚନ କ୍ରିୟା ଠିକ୍ ଭାବରେ ହୋଇଥାଏ। ତା ସହିତ ଗ୍ୟାସ ଏସିଡିଟି ଇତ୍ୟାଦି ଦୂରେଇ ଯାଇଥାଏ।
- ଲାଉ ଜୁସ୍ କ୍ୟାଲୋରୀ ଲସ୍ କରିବାରେ ସାହାଯ୍ୟ କରିଥାଏ ଓ ଓଜନ ହ୍ରାସ କରାଇଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ କ୍ୟାଲୋରୀ ବର୍ନ କରିବାରେ ସାହାଯ୍ୟ କରେ।
- ଯଦି ଆପଣ ନିୟମିତ ଖାଲି ପେଟରେ ଲାଉ ଜୁସ୍ ସେବନ କରିବେ ତେବେ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀରରୁ ବ୍ୟାଡ ଟକ୍ସିନକୁ ବାହାର କରିବାରେ ସାହାଯ୍ୟ କରିଥାଏ।
- ଲାଉରେ ୯୮ ପ୍ରତିଶତ ଜଳୀୟ ଅଂଶ ରହିଥିବା କାରଣରୁ ଗ୍ରୀଷ୍ମ ଋତୁରେ ଶରୀରୁ ଜଳୀୟ ଅଂଶ କମି ନଥାଏ ଓ ଶରୀରକୁ ସତେଜ ରଖିଥାଏ।
- ଲାଉ ଜୁସ୍ କୋଲେଷ୍ଟ୍ରଲ୍ ପାଇଁ ଖୁବ ହିତକର। ପ୍ରତିଦିନ ସକାଳୁ ଖାଲି ପେଟରେ ଲାଉ ଜୁସ୍ ସେବନ କରିବା ଦ୍ୱାରା କୋଲେଷ୍ଟ୍ରଲ୍ ନିୟନ୍ତ୍ରିତ ହୋଇଥାଏ।
- ଯଦି ଆପଣଙ୍କୁ ପରିସ୍ରା କରିବା ସମୟରେ ପୋଡା କିମ୍ବା ଯନ୍ତ୍ରଣା ହେଉଛି ତେବେ ଆପଣଙ୍କ ପାଇଁ ଲାଉ ଜୁସ୍ ସେବନ କରିବା ଖୁବ ହିତକର। ପରିସ୍ରାରେ ଏସିଡ୍ ମାତ୍ରା ବଢିଯିବା କାରଣରୁ ଏପରି ଯନ୍ତ୍ରଣା ହୋଇଥାଏ। ଲାଉ ଜୁସ୍ ପରିସ୍ରାରେ ଅମ୍ଳୀୟତାକୁ କମ୍ କରିଥାଏ ଯେଉଁ କାରଣରୁ ପୋଡିବା ଓ ଯନ୍ତ୍ରଣା କମିଯାଏ।

# ବାବନା ଭୂତ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମ ବୈତରଣୀ ନଈ କୂଳକୁ ଲାଗି ଯେଉଁ ମସ୍ତବଡ ବରଗଛଟାଏ ଅଛି ଠିକ ସେଇଠି ଥାଏ ଗୋଟାଏ ବଡ ଭୂତ। ଭୂତ ନୁହେଁ ଗୋଟାଏ ବଡ ଆତଙ୍କ। ସଞ୍ଜ ଛଅ ଟା ହେଉ ନ ହେଉଣୁ ସେ ପାଖ ରାସ୍ତା ପୁରା ବନ୍ଦ। ଲୋକେ କହନ୍ତି ସେ କୁଆଡେ ଲୋକମାନଙ୍କୁ ଗଛ ଉପରକୁ ଉଠାଇ ନେଇ ଯାଏ। ବାପ ରେ ବାପ। ବଡ ଲୋକ ତ ଡରନ୍ତି ସାନ ପିଲା ନ ଡରିବେ କାହିଁକି ?

ସେ ଦିନ ସୋନୁର ସ୍କୁଲ ଛୁଟି ହେଲା ବେଳକୁ ଖୁବ୍ ବର୍ଷା ହେଲା। କିଏ କୁଆଡେ ଓଦା ମୋଦା ହୋଇ ନିଜ ନିଜ ପିଲାମାନଙ୍କୁ ଘରକୁ ନେଇଗଲେ। ସୋନୁର ରିକ୍ସାବାଲା ଆସିନାହିଁ। କେତେ ବେଳୁ ବର୍ଷା ବି ଛାଡିଗଲାଣି। ସ୍କୁଲ ବାରଣ୍ଡାରେ ସେ ଏକୁଟିଆ। ଶିକ୍ଷକମାନେ ମଧ୍ୟ ସ୍କୁଲ୍‌ରେ ଚାବି ଦେଇ ଚାଲି ଗଲାଣି। ସଞ୍ଜ ହୋଇ ରାତି ଆସିଲା। ଠିଆ ହୋଇ ସୋନୁର ଗୋଡ ବିନ୍ଧିଲାଣି। ତା' ସାଙ୍ଗକୁ ଏ



ସଂଜୁଆ ମଶା ଗୁଡାକ ତା' କଅଁଳିଆ ଗୋଡକୁ ଛୁଞ୍ଚି ପରି ଫୋଡିଦେଲେଣି। ସୋନୁକୁ ଡର ମାଡିଲା। ରିକ୍ସାବାଲା ଉପରେ ସେତେ ରାଗ ଲାଗିଲା। ତା ପରେ ଧୀରେ ଧୀରେ ଚାଲି ଚାଲି ରାସ୍ତା ଉପରକୁ ଆସିଲା। ତା ପରେ ଚାଲିଲା ଘର ଆଡେ। ଆଠ ବର୍ଷର ପିଲା ସୋନୁ। ଚାଲୁ ଚାଲୁ ଓଦା ରାସ୍ତା ଉପରେ କେତେ କଚଡା ଖାଇଲାଣି। ଘରକୁ ଯାଇ ମାଆଙ୍କ ଆଗରେ ରିକ୍ସାବାଲା ଯେମିତି ତାକୁ ହଇରାଣ କଲା ସବୁ କହିବ।

ଏମିତି ଭାବୁ ଭାବୁ କେତେବେଳେ ସେ ଭୂତ ବରଗଛ ପାଖକୁ ଚାଲିଆସିଛି ଜାଣି ପାରିନାହିଁ। ହଠାତ୍ ମଡମଡ ହୋଇ ବରଗଛର ଡାଳଟା ଉପରୁ ଓହ୍ଲାଇ ପଡିଲା ଗୋଟାଏ ବଡ ଭୂତ। ଦେହ ଟା କଳା ମଚମଚ। ଶିଙ୍ଗ ଦ୍ୱି'ଟା ଉଠିଛି ଉପରକୁ। ଆଖିଗୁଡାକରୁ ନିଆଁ ବାହାରୁଛି। ନାକ ପୋଡାରୁ ଧୂଆଁ ଭୁସ୍ ଭାସ୍ ହୋଇ ବାହାରୁଛି। ତା ହାତ ଦ୍ୱିଟାରେ ଗଛ ଉପରକୁ ଟେକି ନେଇଗଲା ସୋନୁକୁ। ବିଚରା ସୋନୁଟା ଏତେ ଡରିଗଲା ଯେ ତା ଚେତା ଚାଲିଗଲା।

ଭୂତର ପୁଅ ନାଁ ବାବୁନା। ସେ ତା ପୁଅକୁ କହିଲା- ମୁଁ ଯାଉଛି ତେଲ, ମସଲା ଆଣିବାକୁ। ତୁ ଏଇଟାକୁ ଜଗିଥିବୁ। ଆଜି ବର୍ଷା ପାଗରେ ଏହାକୁ ମାରି ତା'ର ମାଂସ ଭୋଜି କରିବା। ଭାରି ମହା ହେବ।

ଭୂତ ଚାଲିଗଲା। ବାବୁନା ସୋନୁକୁ ଜଗି ରହିଲା। ଯେତେବେଳେ ତା'ର ଚେତା ଆସିଲା କହିଲା-ସୋନୁ ! ତୁ ଯେମିତି ସାନ ପିଲା, ମୁଁ ବି ସେମିତି। ତେଣୁ ତୁ ମୋର ସାଙ୍ଗ। ତୋର କିଛି ଅସୁବିଧା ହେବନି। ଚାଲ ସେ ନଈ କୂଳର ଜଙ୍ଗଲ ଭିତରେ ଲୁଚିଯିବା। ସେଇଆ ହେଲା। ଦୁଇ ଜଣ ଏମିତି ଲୁଚିଗଲେ ଯେ ଭୂତ ସେମାନଙ୍କୁ ଆଉ ପାଇଲା ନାହିଁ। ସୋନୁ ତା ପେଟକୁ ଅଣ୍ଡାଳି ଅଣ୍ଡାଳି କହିଲା- ମୋତେ ଭାରି ଭୋକ ଲାଗିଲାଣି। ବାବୁନା କହିଲା- ହଉ, ତୁ ଏଇଠି ଥା। ମୁଁ ଯାଉଛି ତୋ ପାଇଁ ଖାବାକୁ ଆଣିବି। ବାବୁନା ତ ଭୂତ। ତା ହାତ ଦ୍ୱିଟାକୁ ଉପରକୁ ଟେକି ଏମିତି ଝାଡିଦେଲା ଯେ ଡେଣା ଦ୍ୱିଟା ବାହାରି ପଡିଲା। ଆକାଶରେ ଉଡି ଉଡି ଯାଇ ପହଁଚି ଗଲା ଗୋଟିଏ ଛକ ହୋଟେଲରେ। ଦୁଆର ପାଖେ ଯେମିତି ହୋ କିନା କହିଦେଇଛି, ଭୂତକୁ ନ ଡରେ କିଏ। ଯିଏ ଯୁଆଡେ ଥିଲେ ଭୂତ ଭୂତ କହି ହୋଟେଲ ଛାଡି ଦୌଡିଲେ। ବାବୁନା ଗୋଟାଏ ପଲିଥିନ ପୁଣି ଉଡି ଉଡି ସୋନୁ ପାଖରେ ପହଞ୍ଚିଗଲା। ସୋନୁ ଖାଇ ହାକୁଡି ମାରି ଆଉ ଟିକିଏ ପେଟକୁ ଆଉଁସି ଦେଲା। କହିଲା- ବାଃରେ ସାଙ୍ଗ ବାଃ। ଆଜି ବଢିଆ ଖାଇବାକୁ ଦେଲୁ। ଆଉଟିକିଏ ଗଲା। ସୋନୁ ପୁଣି କୁନ୍ଥେଇଲା। ବାବୁନା କହିଲା କିରେ, ପୁଣି କଣ ହେଲା ? ସୋନୁ କହିଲା- ମୋ ପ୍ୟାଣ୍ଟ ଟା ଓଦା ହୋଇ ଗନ୍ଧ କଲାଣି। ବାବୁନା କହିଲା ହଉ, ଏଇଠି ଥା। ମୁଁ ଏଇ ସଙ୍ଗେ ସଙ୍ଗେ ଆସୁଛି। ବାବୁନା ପୁଣି ଆକାଶରେ ଉଡି ଉଡି ପହଞ୍ଚି ଗଲା ଡ୍ରେସ ଦୋକାନରେ। ଦୋକାନୀ ବୁଢାର ଟେବୁଲ ତଳେ ପଶିଯାଇ ଯେତେବେଳେ ସେପଟେ ବାହାରି ହୋ କିନା କହିଦେଉଛି ଭୂତ ଭୂତ କହି ଯିଏ ଯୁଆଡେ ପାରିଲେ ଦୌଡିଲେ। ବାବୁନା ବିଦ୍ୟାଳୟ ଗଣ ବେଶର ପ୍ୟାଣ୍ଟଟିଏ ଆଉ ସାର୍ଟଟିଏ ଧରି ପୁଣି ସୋନୁ ପାଖରେ ପହଞ୍ଚି ଗଲା।

ସକାଳ ହେଲା। ସୋନୁର ବାପା ମାଆ ରାତି ସାରା ତାକୁ ଖୋଜି ଖୋଜି ସକାଳ ୧୦ଟା ବେଳେ ସ୍କୁଲ୍‌ରେ ପହଞ୍ଚିଲେ। ସୋନୁ ସେତେବେଳେ ପ୍ରାର୍ଥନା ଶ୍ରେଣୀରେ ବସି ଗୀତ ଗାଉଥିଲା- ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭ।

# ଶରୀରରେ ବୁଢିଆଣୀ ଚଢିବା ଦେଇଥାଏ ଏହି ସବୁ ସଙ୍କେତ, ଜାଣନ୍ତୁ ଶୁଭ କି ଅଶୁଭ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଗାମୀ ସମୟରେ ବ୍ୟକ୍ତିଙ୍କ ସହ କେଉଁ ପ୍ରକାରର ଘଟଣା ଘଟିବାକୁ ଯାଉଛି, ତାହାର ସଙ୍କେତ ଅନେକ ଉପାୟରେ ସୂଚିତ ହୋଇଥାଏ। କିନ୍ତୁ ଆମେ ଏହି ସଙ୍କେତକୁ ଅଣଦେଖା କରୁ। ଏଗୁଡିକ ଅନେକ ଉପାୟରେ ମିଳିଥାଏ, ଯେପରିକି ଘରୁ ବାହାରିବା ମାତ୍ରେ କିଛି ଜିନିଷ ଦେଖିବା, ସକାଳେ ଦେଖାଯାଉଥିବା ସ୍ୱପ୍ନ କିମ୍ବା ଶରୀର ଉପରେ ଝିଟିପିଟି- ବୁଢିଆଣୀ ପଡିବା, ଘରେ କୌଣସି ପ୍ରାଣୀଙ୍କର ଅଦ୍ଭୁତ ଆଚରଣ ଇତ୍ୟାଦି। ଚାଲନ୍ତୁ ଜାଣିବା ଘରେ ଦେଖାଯାଉଥିବା ବୁଢିଆଣୀ ସହିତ ଜଡିତ କିଛି ବିଶେଷ ସଙ୍କେତ ବିଷୟରେ, ଯାହା ଭବିଷ୍ୟତର ଘଟଣାଗୁଡିକୁ ସୂଚିତ କରେ।



ଶରୀରରେ ବୁଢିଆଣୀ ପଡିବାର ଅର୍ଥ:

ବାସ୍ତବରେ ଘରେ ବୁଢିଆଣୀ ରହିବା କିମ୍ବା ଜାଲ ତିଆରି କରିବା ଭଲ ନୁହେଁ। ଏହା ଘରେ ସଫା ସୁତୁରା ନହେବାର ସଙ୍କେତ। କିନ୍ତୁ ବୁଢିଆଣୀ ଶରୀର ଉପରେ ଚଢିବା ଭଲ ବୋଲି କୁହାଯାଏ। କୁହାଯାଏ ବୁଢିଆଣୀ ଶରୀର ଉପରେ ଚଢିଯାଏ ତେବେ ନୂଆ ପୋଷାକ ମିଳିଥାଏ। ଏହା ବ୍ୟତୀତ, ବୁଢିଆଣୀ ଘରର କାନ୍ଥରେ ତଳୁ ଉପରକୁ ଚଢିବା କ୍ୟାରିୟର-ବ୍ୟବସାୟରେ ଅଗ୍ରଗତି କରିବାର ପୂର୍ବ ସଙ୍କେତ ଦେଇଥାଏ।

ବୁଢିଆଣୀ ଜାଲରେ ଏପରି ଆକାର ଦେଖିବ ଶୁଭ:

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବୁଢିଆଣୀ ଜାଲ ଦେଖିବା ଭଲ ନୁହେଁ। କିନ୍ତୁ ଯଦି ସଫା ସୁତୁରା ଘରେ ଜାଲ ତିଆରି କରୁଥିବା ଦେଖାଯାଏ ଏବଂ ଜାଲରେ ଆପଣଙ୍କ ନାମର ଅକ୍ଷର କିମ୍ବା ଦସ୍ତଖତ ଭଳି ଆକୃତି ଦେଖାଯାଏ, ତେବେ ଏହା ଆପଣଙ୍କର ଭାଗ୍ୟ ଖୋଲିବାର ସଙ୍କେତ ଦେଇଥାଏ।

ଏପରି ଜାଲ ଅଶୁଭ ହୋଇଥାଏ:

ଯଦି ଘରର ବାଥରୁମ-ଟଏଲେଟ ବୁଢିଆଣୀ ଜାଲ ଅଛି, ତେବେ ତୁରନ୍ତ ସେଗୁଡିକୁ ବାହାର କରନ୍ତୁ। ଏହି ଜାଲ ଗୁଡିକ ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ। ସେହିଭଳି ଘରର ମୁଖ୍ୟ ଫାଟକ, ପୂଜାପାଠ ଘର, ରୋଷେଇ ଘରେ ତିଆରି ଜାଲଗୁଡିକ ଦୁର୍ଭାଗ୍ୟ ଆଣିଥାଏ।

# ଜଳଛତ୍ର ପାଣି ପିଇ ୩ ଗୁରୁତର

**ମାଲକାନାଗିରି(ସଂପର୍କବାର୍ତ୍ତା):-** ପାଣି ନାଁରେ ବି ବିଷ। ଖରା ତାତିରୁ ରକ୍ଷା ପାଇବା ପାଇଁ ରଖାଯାଇଥିବା ଜଳଛତ୍ରରେ ବିଷ ମିଶାଯାଇଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଏମ୍‌ଭି ୭୯ ଥାନା ଶିମିଳିବାଞ୍ଚା ପଞ୍ଚାୟତର ଏମ୍ଭି ୪୯ ଗାଁରେ ଏହି ଅଘଟଣ ଘଟିଛି। ଜଳଛତ୍ର ମାଠିଆରୁ ବିଷାକ୍ତ ପାଣି ପିଇ ୩ ଗୁରୁତର

**ବିଶ୍ୱାସ ନାଁରେ ବିଶ୍ୱାସଘାତକତା !**

ହୋଇଛନ୍ତି।

ସୂଚନା ଅନୁସାରେ, ଜଳଛତ୍ର ମାଠିଆରେ କେହି ଦୁର୍ବୃତ୍ତ ବିଷ ମିଶାଇ ଦେଇଥିବା ଅଭିଯୋଗ




ହୋଇଛି। ଜଳଛତ୍ରରୁ ପାଣି ପିଇ ଜଣେ ନାବାଳକ ସମେତ ୩ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ଗୁରୁତରଙ୍କୁ କାଳିମେଳା ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

ରାଜ୍ୟରେ ଦିନକୁ ଦିନ ବଢିଚାଲିଛି ଗ୍ରୀଷ୍ମ ପ୍ରଭାବ। ଖରା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ଉପାୟମାନ ଆପଣାଉଛନ୍ତି। ଏନେଇ ଲୋକମାନେ ଛତା, ଜଳଛତ୍ର ଆଦି ଉପରେ ନିର୍ଭର କରିଥାନ୍ତି। ଏହିପରି ସ୍ଥିତିରେ ଜଳଛତ୍ରରେ ବିଷ ମିଶାଇବା ଘଟଣାଟି ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ସିଏମ୍‌ସି ଭିକାରୀ ଖୋଜୁଛି

**କଟକ(ସଂପର୍କବାର୍ତ୍ତା):-** ଆଗକୁ ଆଉ କେହି ଭିକ୍ଷାବୃତ୍ତି କରିବେ ନାହିଁ। ଏହା ସହ ସହର ଭିକାରି ମୁକ୍ତ ହେବ। ଏଭଳି କିଛି ଯୋଜନା ପ୍ରସ୍ତୁତ କରିଛି ସିଏମ୍‌ସି। ଯାହାକୁ ନେଇ ବଡ଼ବଡ଼ ଅକ୍ଷରରେ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶିତ ହୋଇଥିଲା। ମାତ୍ର ବାସ୍ତବରେ ସହର ଭିକାରିମୁକ୍ତ ହେବ ନା ପରିକଳ୍ପନାରେ ସିଏମ୍‌ସିର ଭିକାରିମୁକ୍ତ ଅଭିଯାନ ରହିଯିବ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କାରଣ ସିଏମସିର ଏହି ଭିକାରୀମୁକ୍ତ ଅଭିଯାନ ଦୀରର୍ଘଦିନ ଧରି ଆରମ୍ଭ ହୋଇଥିବା ବେଳେ ପଦ୍ମ ଘୁଞ୍ଚିବା ଭଳି ଏହାର ଶୁଭାରମ୍ଭ ଘୁଞ୍ଚିଘୁଞ୍ଚି ଯାଉଛି। ଚଳିତ ମାସ ୫ ତାରିଖରୁ ଭିକାରୀମୁକ୍ତ କେନ୍ଦ୍ରର ଶୁଭାରମ୍ଭ ହେବାକୁ ଥିଲା। ଏହାପରେ ପୁନର୍ବାର ଏହା ଚଳିତ ମାସ ୧୮ ତାରିଖକୁ ଘୁଞ୍ଚି ଥିଲା। ଦୁଇଦିନ ବିତି ସାରିଥିଲେ ମଧ୍ୟ ୧୮ ତାରିଖରେ ଭିକାରି କେନ୍ଦ୍ରର ଶୁଭାରମ୍ଭ ହୋଇପାରିନାହିଁ। ଅନ୍ୟପଟେ ସହରର ରାଜରାସ୍ତାରେ ଭୋଗ ବିକଳରେ ଅନେକ ଭିକାରୀ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲିବା ସହ ଫୁଟପାଥରେ ଖୋଲା ଆକାଶ ତଳେ ରାତି କାଟୁଛନ୍ତି। ଏଭଳି ସ୍ଥିତିରେ ସିଏମସି ପକ୍ଷରୁ ଭିକାରି ଖୋଜା ଚାଲିଛି।

ଭିକାରି ମୁକ୍ତ ଲାଗି ଭିକାରୀଙ୍କୁ ଥଇଥାନ କରିବା ନିମନ୍ତେ ସିଏମସି ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ସିଏମସିର ଉକ୍ତ ଯୋଜନା ଅନୁଯାୟୀ ଭିକାରୀଙ୍କୁ ଥଇଥାନ କରାଯିବା ସହ ସେମାନଙ୍କୁ ଅନ୍ୟମାନଙ୍କ ଭଳି ଏକ ଉନ୍ନତ ଜୀବନଶୈଳୀ ଏବଂ ଆତ୍ମନିର୍ଭରଶୀଳ କରାଯିବ। ଏ ନେଇ ତିନୋଟି ସ୍ୱତନ୍ତ୍ର ଥଇଥାନ କେନ୍ଦ୍ରରେ ୧୦୦ ଲେଖାଏଁ ମୋଟ ୩ ଶହ ଭିକାରୀଙ୍କୁ ରଖାଯିବ। ଭିକାରୀଙ୍କ ଥଇଥାନ ପାଇଁ ୩ଟି ସଂସ୍ଥା ଯଥା 'ବିକାଶ', 'ଓପସ୍' ଏବଂ 'ସଂସ୍କାର'କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଂସ୍ଥାର ଭରସାରେ ସିଏମ୍‌ସି ରହିଛି। ଉକ୍ତ ସଂସ୍ଥାଗୁଡ଼ିକ ହିଁ ଭିକାରୀଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବେ। ନିୟମ ଅନୁଯାୟୀ ଉକ୍ତ ସଂସ୍ଥା ପକ୍ଷରୁ ଉନ୍ନତ ମାନର ଖାଦ୍ୟ ଦୁଇବେଳା ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାଜ୍ୟ ଭୋଜନ ଭିକାରୀଙ୍କୁ ପ୍ରଦାନ କରାଯିବ। ଯେଉଁଥିରେ ଉକ୍ତ ସଂସ୍ଥା ସପ୍ତାହରେ ତିନିଥର ଆମୀଷ ଭୋଜନ ଯଥା ମାଛ, ମାଂସ ଏବଂ ଅଣ୍ଡା ଦିଆଯିବ। ଏ ବାବଦରେ ପ୍ରତ୍ୟେକ ଭିକାରୀଙ୍କ ମୁଣ୍ଡପିଛା ମାସିକ ୩ ହଜାର ୪ ଶହ ଟଙ୍କା ଖର୍ଚ୍ଚ ହେବ। ଅର୍ଥାତ୍ ମୋଟ ୩ଟି କେନ୍ଦ୍ରରେ ଥି ୩ ଶହ ଭିକାରୀଙ୍କ ବାବଦରେ ମାସିକ ମୋଟ ୧୦ ଲକ୍ଷ ୨୦ ହଜାର ଟଙ୍କା ଏବଂ ବାର୍ଷିକ ୧ କୋଟି ୨୨ଲକ୍ଷ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ।

ତେବେ ଚଳିତ ମାସ ୧୮ ତାରିଖରେ ଭିକାରୀ କେନ୍ଦ୍ରର ଶୁଭାରମ୍ଭ ହେବାକୁ ଥିଲା। ଯେଉଁଥିପାଇଁ ବିକାଶ ସଂସ୍ଥା ପକ୍ଷରୁ ୧୨ ତାରିଖ ଦିନ ଅର୍ଥାତ୍ ପ୍ରଥମ ଦିନ ମୋଟ ୧୦ ଜଣ ଭିକାରୀଙ୍କୁ ଉଦ୍ଧାର କରାଯିବାର ସୂଚନା ମିଳିଥିଲା। ଏମାନଙ୍କୁ ସ୍ଥାନୀୟ କାଜିପାଟଣାସ୍ଥିତ ଥଇଥାନ କେନ୍ଦ୍ରରେ ରଖାଯାଇଛି। ମାତ୍ର ସିଏମସିର ଏହି ଭିକାରୀ ଉଦ୍ଧାର କାର୍ଯ୍ୟ ପ୍ରଥମ ଦିନରେ ହିଁ ଅଟକି ଯାଇଛି। ସେହିଦିନ ପରେ ସଂସ୍ଥା ପକ୍ଷରୁ ଆଉ ଭିକାରୀଙ୍କୁ ଉଦ୍ଧାର କରାଯାଇ ନାହିଁ। ଅନ୍ୟପଟେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୨ ତାରିଖ ଦିନ ମୋଟ ୮ ଜଣ ଭିକାରୀଙ୍କୁ ଉଦ୍ଧାର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଏବେ ଦୁଇଜଣ ଉକ୍ତ ଥଇଥାନ କେନ୍ଦ୍ରରେ ନାହାନ୍ତି। ଯେଉଁ ଭିକାରୀମାନେ ଅଛନ୍ତି ସେମାନେ ମଧ୍ୟ ସେଠାରେ ରହିବାକୁ ଅନିଚ୍ଛୁକ। ଏହାବ୍ୟତୀତ ଉଦ୍ଧାର ହୋଇଥିବା ଭିକାରୀଙ୍କ ମଧ୍ୟରେ କିଛି ଲୋକ ସୁସ୍ଥ ସବଳ ଏବଂ ସେମାନଙ୍କର ଘରଦ୍ୱାର ଏବଂ ପରିବାର ଥିବା ଜାଣିବାକୁ ମିଳିଛି।

ଗୋଟିଏ ପଟେ ସିଏମସିକୁ ଭରସା କରି ରାଜ୍ୟ ସରକାର ଭିକାରୀ ମୁକ୍ତ ଅଭିଯାନରେ ବାର୍ଷିକ ୧ କୋଟି ୨୨ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ କରିବାକୁ ଯାଉଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ କେତେଦୂର ସଠିକ ଭାବରେ କାର୍ଯ୍ୟକାରୀ ହେଉଛି। ଅନ୍ୟପଟେ ଯୋଜନା ମାଧ୍ୟମରେ ଠିକା ସଂସ୍ଥାକୁ ଦାୟିତ୍ୱ ଦେବାଦ୍ୱାରା ଏଥିରେ ଆର୍ଥିକ ଅନିୟମିତତା ହେବାର ଆଶଙ୍କା କରାଯାଉଛି। ସହରର ରାଜରାସ୍ତାରେ ଅନେକ ଭିକାରୀ ଦେଖିବାକୁ ମିଳୁଥିବା ବେଳେ ମାତ୍ର ୮ ଜଣ ଭିକାରୀ ଉଠାଇ ସଂସ୍ଥା ଦାୟିତ୍ୱ ସାରିଛି। ଅନ୍ୟପଟେ ଯେଉଁମାନେ ଭିକାରୀ ଭାବେ ଚିହ୍ନଟ କରାଯାଇଛି ସେମାନଙ୍କ ମଧ୍ୟରୁ ଅନେକ ଭଲ ଲୋକ ବୋଲି ଜଣାପଡ଼ିଛି। କେବଳ ଲୋକ ଦେଖାଣିଆ ଭିକାରୀମୁକ୍ତ ଅଭିଯାନରେ ଏମାନଙ୍କୁ ସାମିଲ କରାଯାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏ ନେଇ ସିଏମସି ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନାହାନ୍ତି।

# କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସମସ୍ୟାକୁ ଲୋକସଭା ଓ ବିଧାନସଭାରେ ଉପସ୍ଥାପିତ କରାଯିବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଯେଉଁଭଳି ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଲୋକସଭା ଓ ବିଧାନସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଜୟପୁରର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି। ଅପ୍ରେଲ ୧୬ ରୁ ୧୮ ତାରିଖ ତିନିଦିନ ଧରି ଜୟପୁରସ୍ଥିତ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ (ଏଏସଏମଏନଆଇ)ର ୨୧ତମ ସର୍ବଭାରତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଭାଷା, ସାହିତ୍ୟ, ସଂସ୍କୃତି ଋଦ୍ଧିମନ୍ତ କରିବା ସହିତ ବିଶେଷକରି ଅବହେଳିତ ଅଞ୍ଚଳର ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଦିଗରେ କ୍ଷୁଦ୍ର ଓ ମଧ୍ୟମ




## ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ୨୧ତମ ଅଧିବେଶନରେ ସାଂସଦ ଉଲାକା ଓ ବିଧାୟକ ବାହିନୀପତିଙ୍କ ଦୃଢ଼ୋକ୍ତି

ସମ୍ବାଦପତ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କେବଳ ବୃହତ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରୁଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଲଗାତର ଅବହେଳାର ଶିକାର ହୋଇଆସୁଛନ୍ତି। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ସାମ୍ବାଦିକମାନଙ୍କ ଭଳି ଦିଆଯାଉଥିବା ସୁବିଧା ସୁଯୋଗ ଯଥା ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଅତିଥିମାନେ କହିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପଲିତା ଉଦବୋଧନ ଦେଇ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱାମୀନାଥନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ। ବର୍ତ୍ତମାନ ନ୍ୟୁଜ୍ ପ୍ରିଣ୍ଟର ମୂଲ୍ୟବୃଦ୍ଧି ଯୋଗୁଁ ବକ୍ତାମାନେ ଉଦବେଗ ପ୍ରକାଶ କରି ଏ ଦିଗରେ କେନ୍ଦ୍ର ସରକାର ସମସ୍ତ ରିହାତି ଯୋଗାଇବା ଉଚିତ ହେବ ବୋଲି କହିଥିଲେ। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ଚାପ ସୃଷ୍ଟି, ସମାଜରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୂର କରିବା ପାଇଁ ବୃହତ ସମ୍ବାଦପତ୍ରମାନେ ବିଫଳ ହେଉଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ହିଁ ଲୋକଲୋଚନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଅନୁମୋଦନ କରିବା ପାଇଁ ଦୁଇ ହଜାର ପ୍ରସାରକୁ ସ୍ୱୀକୃତି ପ୍ରଦାନ କରିବା, ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଦିଆଯାଉଥିବା ବିଜ୍ଞାପନକୁ ଜିଲାସ୍ତରୀୟ ସମ୍ବାଦପତ୍ର ଗୁଡ଼ିକୁ ପ୍ରଦାନ କରିବା, ସରକାରୀ ସ୍ୱୀକୃତି ଅନୁମୋଦନ ପାଇଁ ଅପେକ୍ଷା କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରି ସ୍ୱୀକୃତି ପ୍ରଦାନ କରିବା ଭଳି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଉଭୟେ ଶ୍ରୀ ଉଲାକା ଓ ଶ୍ରୀ ବାହିନୀପତି ସଂଗଠନ ପକ୍ଷରୁ ପ୍ରସ୍ତାବ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା। ସମ୍ମିଳନୀରେ ରାଜ୍ୟ ସଂଗଠନର ସଭାପତି ରବି ରଥ, ମୁଖ୍ୟ ଉଦ୍ୟୋକ୍ତା ତଥା କେବିକେ ସମାଚାର ସମ୍ପାଦକ ବିନୋଦ ମହାପାତ୍ର, କର୍ମକର୍ତ୍ତା ଭଜରାମ ମହାପାତ୍ର, ଜଗଦୀଶ ମିଶ୍ର, ବିରେନ୍ଦ୍ର କୁମାର ପାଣିଗ୍ରାହୀ, ସରୋଜ ରଞ୍ଜନ ପଟ୍ଟନାୟକ, ସବିତା ମିଶ୍ର, ବିଜୟ କୁମାର ମହାନ୍ତି, ବାବୁଲି ବେହେରା, ଚନ୍ଦ୍ରକାନ୍ତ ସୂତାର, ମଞ୍ଜୁ ରଥ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଜି ସକାଳେ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ ଛକ ସ୍ଥିତ ଡଃ. ତ୍ରିପାଠୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅନୁସୂଚିତ



ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ସାଂସଦ ଶ୍ରୀ ରମେଶ ଚନ୍ଦ୍ର ମାଝି, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି ପ୍ରମୁଖ ଯୋଗଦେଇ ଡଃ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ, ବିଭାଗର ଅନ୍ୟ ପଦାଧିକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁ ସଚିବ ଲକ୍ଷ୍ମୀଧର ବେହେରା, ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ପ୍ରତିଷ୍ଠାତା ଗୋଦାବରୀଶ ମହାପାତ୍ର, ସଦସ୍ୟ ଗୌରଚନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ହୋତା, ନୀଳମାଧବ ଦାଶ ଏବଂ ଅନ୍ୟ ନିମନ୍ତ୍ରିତ ଅତିଥି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# କୃଷି ଉଦ୍ୟୋଗ ଓ ଉତ୍ପାଦନ ସଂଗଠନର ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କୃଷି ଉତ୍ପାଦନରେ ଆତ୍ମନିର୍ଭରଶୀଳତା, ତତ୍‌ପରେ ବଳକା ରାଜ୍ୟର ସ୍ଥିତି ଓ ସର୍ବୋପରି ଗୁଣାତ୍ମକ ମାନବୃଦ୍ଧି ହାସଲ କରିବା ଆମର ଲକ୍ଷ୍ୟ। କୃଷକ ଓ ଖାଉଟି ମଧ୍ୟରେ ଥିବା ଦୂରତାକୁ କମାଇଲେ ଉଭୟ ଲାଭବାନ ହେବେ, ଯାହାକି ସମ୍ଭବ ହୋଇପାରିବ କୃଷକ ଉତ୍ପାଦକ ସଂଗଠନମାନଙ୍କ ମାଧ୍ୟମରେ। ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଓଡ଼ିଶାରେ କୃଷି ବିପଣନ ସୁଯୋଗ ନିମନ୍ତେ କୃଷି ଉଦ୍ୟୋଗ କର୍ପୋରେଟର ସଂସ୍ଥା ଓ କୃଷକ ଉତ୍ପାଦକ ସଂଗଠନମାନଙ୍କ ସହ ଗୋଲଟେବୁଲ୍ ବୈଠକକୁ ଉଦ୍‌ଘାଟନ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ




ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉପରୋକ୍ତ ମତପ୍ରକାଶ କରିଛନ୍ତି। ନିଯୁକ୍ତି ସଂକଟର ସମାଧାନ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହିଁ ରହିଛି ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି।

କୃଷି ଓ ଉଦ୍ୟାନ କୃଷି ଉତ୍ପାଦର ଉଚିତ ମୂଲ୍ୟ ପାଇବା ଲକ୍ଷ୍ୟରେ କୃଷକ ଉତ୍ପାଦକ ସଂଗଠନ ଓ ଅଗ୍ରଣୀ କୃଷି ଉଦ୍ୟୋଗ କର୍ପୋରେଟ୍ ସଂସ୍ଥା ମଧ୍ୟରେ ନିରନ୍ତର ଆନୁଷ୍ଠାନିକ ବିପଣନ ସଂଯୋଗ ସ୍ଥାପନ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକ ଏକ ବଳିଷ୍ଠ ପଦକ୍ଷେପ। ଓଡ଼ିଶା କୃଷି ସମାବେଶ ୨୦୨୧ର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଆୟୋଜିତ ଏହି ବୈଠକରେ କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ଘରୋଇ ସଂସ୍ଥାମାନଙ୍କୁ ଲକ୍ଷ୍ୟ ହାସଲର ରଣନୀତି ପ୍ରସ୍ତୁତ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଇଛି।

# ସ୍ଥଗିତ ଥିବା ସ୍ଥାନରେ ୨୭ରେ ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ପଞ୍ଚାୟତ ନିର୍ବାଚନବେଳେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପଦବୀ ନିମନ୍ତେ ନିର୍ବାଚନ ସମୟରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ଯେଉଁସବୁ ସ୍ଥାନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା, ସେଠାରେ ପୁନର୍ବାର ବିଧିବ୍ୟବସ୍ଥା ଅନୁସାରେ ନିର୍ବାଚନ କରାଇବା ଲାଗି ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ନିର୍ବାଚନ ସ୍ଥଗିତ ଥିବା ସ୍ଥାନରେ ଆସନ୍ତା ମଇ ମାସ ୨୭ ତାରିଖ ଦି ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଅପ୍ରେଲ୍ ୨୬ ତାରିଖରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନୋଟିସ୍ ଜାରି, ୨୯/୦୪/୨୦୨୨ ଠାରୁ ୦୨/୦୫/୨୦୨୨ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ ଓ ଦାଖଲ, ୦୪/୦୫/୨୦୨୨ରେ ନାମାଙ୍କନ ପତ୍ର

## ପ୍ରାର୍ଥୀଙ୍କ ମୃତ୍ୟୁ

ଯାଞ୍ଚ, ୦୫/୦୫/୨୦୨୨ରେ ପ୍ରାର୍ଥୀ ତାଲିକା ପ୍ରକାଶ, ୦୭/୦୫/୨୦୨୨ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ୨୭/୦୫/୨୦୨୨ରେ ସକାଳ ୭ଟା ଠାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ୨୮/୦୫/୨୦୨୨ରେ ଭୋଟଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା ହୋଇ ୩୧/୦୫/୨୦୨୨ରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନ ସୂତ୍ରୁ ପ୍ରକାଶ। ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଅଞ୍ଚଳରେ ଅପ୍ରେଲ ୨୧ ତାରିଖଠାରୁ ମଇ ୨୮ ତାରିଖ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ ହେଲା। ପୂର୍ବରୁ ନାମାଙ୍କନ ପାତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ପୁନରାୟ ନାମାଙ୍କନ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବିନ୍ଦ୍ର ନାଥ ସାହୁ ଜଣାଇଛନ୍ତି।

# କଟକରେ ହାଇମାକ୍ସ ଲାଇଟ୍ ଅଚଳ, ଶୁଣୁନାହାଁନ୍ତି ମନମୋଟା ଅଫିସର !

**କଟକ(ସଂପର୍କବାର୍ତ୍ତା):-** ବ୍ୟାରେଜ୍ ଡିଭିଜନ୍‌ର ବେପରୁଆ ନୀତି ଯୋଗୁଁ ମହାନଦୀ ବ୍ୟାରେଜ୍ ଏବେ ପାଲଟିଛି ମରଣଯନ୍ତା। ଉକ୍ତ ବ୍ୟାରେଜ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହା ଦୁର୍ଘଟଣାସ୍ଥଳ ପାଲଟିଯାଇଛି। ଏହି ବ୍ୟାରେଜ ଉପରେ ଯାଇଥିବା ସେତୁ ରାସ୍ତାଟି ବିଭିନ୍ନ ସ୍ଥାନରେ ଗର୍ତ୍ତ ହୋଇଥିବାବେଳେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡ଼ିଥିବା ଯୋଗୁଁ ଅନ୍ଧକାରମୟ ହୋଇ ପଡୁଛି। ପୁନଶ୍ଚ ରାସ୍ତାଉପରେ ବାଲି ପଡ଼ିଥିବା ଯୋଗୁ ଚକା ଖସି ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳିଛି।

କଟକ ବଡ଼ ଡାକ୍ତରଖାନାକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଗମନାଗମନର ସୁବିଧା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କଟକ ବଡ଼ ଡାକ୍ତରଖାନା ହେଉ କିମ୍ବା କଟକ ସହରକୁ ବିଭିନ୍ନ ଅଞ୍ଚଳର ଲୋକେ ଯିବା ପାଇଁ ମହାନଦୀ ବ୍ୟାରେଜ୍ ଆନିକଟ ରାସ୍ତା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହି ବ୍ୟାରେଜର ଏକାଧିକ ସମସ୍ୟା ଯୋଗୁଁ ପଥଚାରୀ, ବାଇକ୍ ଆରୋହୀ, କାର, ଅଟୋ ଓ ଆମ୍ବୁଲାନ୍ସ ଚାଳକ ଯିବାଆସିବାବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠିଛି। ଏହି ବ୍ୟାରେଜ ଉପରେ ଭାରିଯାନ ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ମାତ୍ର ଅନେକ ସମୟରେ ଏହି ରାସ୍ତାଦେଇ ବଡ଼ ଗାଡ଼ି ମଧ୍ୟ ଯାତାୟାତ କରୁଛି। ବିଶେଷ କରି ବ୍ୟାରେଜ ଛକରେ ଥିବା ଫାଣ୍ଡିକୁ ଅନ୍ୟତ୍ର ସ୍ଥାନରେ କରାଯିବା ପରେ



ଅମାନିଆଙ୍କ ଉପରେ ପୁଲିସର ପୂର୍ବଭଳି ନଜର ରହୁନାହିଁ। ଯାହାଦ୍ୱାରା ବ୍ୟାରେଜ୍ ଆନିକଟ ଉପରେ ଭାରିଯାନ ଚଳାଚଳ ବେଶ୍ ବୃଦ୍ଧି ପାଇ ବ୍ୟାରେଜ୍‌କୁ ନଷ୍ଟ କରୁଥିବା ଚର୍ଚ୍ଚା ହୋଇଛି। ଏପରିକି ବ୍ୟାରେଜ ଉପରେ ରହିଥିବା ଗର୍ତ୍ତରେ ଆମ୍ବୁଲାନ୍ସ ଚକା ପଡ଼ିବା ଦ୍ୱାରା ରୋଗୀଙ୍କ ଜୀବନ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବ୍ୟାରେଜ୍ ଫୁଟ୍‌ପାଥର ଉଭୟ ପାର୍ଶ୍ୱରେ ବହୁ ମାତ୍ରାରେ ବାଲିଧୂଳି ଗଦା ହୋଇ ରହିବା ଅନ୍ୟ ଏକ ସମସ୍ୟାଭାବେ ମୁଣ୍ଡ ଟେକିଛି। ଏହି ବାଲିଧୂଳିରେ ଗାଡ଼ିର ଚକା ଖସୁଥିବାରୁ ଭାରସାମ୍ୟ ହରାଇ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବ୍ୟାରେଜ ଡିଭିଜନ୍‌ର ଅପାରଗତା ଯୋଗୁଁ ଗର୍ତ୍ତଗୁଡ଼ିକର ମରାମତି ଓ ବାଲି ସଫେଇ କରାନଯିବାରୁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଦିନକୁ ଦିନ ବଢ଼ିଚାଲିଛି। ଏପରିକି ଜଗତପୁର ପଟରେ ବ୍ୟାରେଜ ଛକରେ ଦୀର୍ଘବର୍ଷରୁ ଏକ ପୁଲିସ ଏଡ୍‌ପୋଷ୍ଟ ବ୍ୟବସ୍ଥା ରହିଥିଲେ ମଧ୍ୟ ସେଠାରେ କୌଣସି କର୍ମଚାରୀଙ୍କୁ ସେଠାରେ ଦେଖା ମିଳୁନଥିବା ଅଭିଯୋଗ ହୋଇଛି। ପୁନଶ୍ଚ ଏଠାରେ ହାଇମାଷ୍ଟ ଲାଇଟ୍‌ର କେତେକ ଲାଇଟ୍ ଅଚଳ ହୋଇପଡ଼ିବାରୁ ଅନ୍ଧାରର ସୁଯୋଗ ନେଇ ସନ୍ଧ୍ୟା ସମୟରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବ୍ୟାରେଜ୍ ଉପରେ ମହିଳାମାନେ ଯା'ଆସ କରିବା ସମୟରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେମାନଙ୍କ ମଧ୍ୟରେ ଲୁଟ୍ ଓ ଛିନ୍‌ତାଇକୁ ନେଇ ଭୟ ସଂଚାର ହେଉଛି। ତୁରନ୍ତ ଏହି ସବୁ ସମସ୍ୟା ଉପରେ ସ୍ଥାନୀୟ ପୁଲିସ ପ୍ରଶାସନ ଓ ବ୍ୟାରେଜ ଡିଭିଜନ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

# ୭ମ ଥର ଲାଗି ସଭାପତି ହେଲେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ସଭାପତି ରବି ରଥ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ୍ କୃଷି ଗବେଷଣାକେନ୍ଦ୍ର ଠାରେ ଗତ ତା. ୧୬-୧୮ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଥିବା କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଓ ୧୦ମ ରାଜ୍ୟ ଶାଖା ସମ୍ମିଳନୀ ଅବସରରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ ସପ୍ତମଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉ କି ଶ୍ରୀ ରଥ ୨୦୦୫ ମସିହାରୁ ଏହି ସଂଗଠନର ଲଗାତାର ଭାବେ ସଭାପତି ନିର୍ବାଚିତ ହେବା ସହ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରର ସଂପାଦକମାନଙ୍କୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତଥା ସ୍ୱାଗତ ସମିତିର ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତି, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଶରତ କୁମାର ପାଲିତା, ରାଷ୍ଟ୍ରୀୟ ସଂପାଦକ ଶଙ୍କର କତିରାଙ୍କ ସମେତ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଂପାଦକ ଉପସ୍ଥିତ ଥିଲେ। ଅଧିବେଶନରେ ଶ୍ରୀ ରଥଙ୍କୁ କେନ୍ଦ୍ରୀୟ ସାଧାରଣ ସଂପାଦକ ଶଙ୍କର କତିରା ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




## ନବୀନଙ୍କ ଇଚ୍ଛାରେ ହୋଇଥାଏ ପିସିସି ସଭାପତି ନିଯୁକ୍ତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବର୍ତ୍ତମାନ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଚୟନ ନେଇ କଂଗ୍ରେସ ଶିବିରରେ ଚର୍ଚ୍ଚା ଜୋର ଧରିଛି। କିଏ ହେବ ପରବର୍ତ୍ତୀ ପିସିସି ସଭାପତି ତାହାକୁ ନେଇ ନେତାମାନେ ଭିନ୍ନ ଭିନ୍ନ ମତ ରଖୁଛନ୍ତି। ତେବେ ଏହା ମଧ୍ୟରେ ଆଜି ଜଟଣୀ ବିଧାୟକ ସୁର ରାଉତରାୟଙ୍କ ଏକ ବୟାନ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଛି। ସୁର କହିଛନ୍ତି ଯେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଇଚ୍ଛାରେ ପସିସି




ସଭାପତି ନିଯୁକ୍ତି ହୁଅନ୍ତି। ପିସିସି ଓ ପ୍ରଭାରୀଙ୍କୁ ଚୟନ କରିଥାନ୍ତି ନବୀନ। ତେବେ ସୁରଙ୍କ ଏହି ବୟାନ ପରେ ରାଜ୍ୟ ରାଜନୀତି ଖାଲି ଉଠୁଛି ଆଉ ପଡୁଛି। ରାଜ୍ୟ କଂଗ୍ରେସକୁ ପରୋକ୍ଷରେ ବିଜେଡି ନିୟନ୍ତ୍ରଣ କରୁଥିବା ଖବର ଶୁଣିବା ପରେ ରାଜନୀତିକ ମହଲରେ ସତେ ଯେମିତି ନିଆଁ ଲାଗି ଯାଇଛି। ଆଗକୁ କ'ଣ ଯେ ଘଟିବ ତାହା ଏବେଠାରୁ କଳ୍ପନା କରିବା ଅସମ୍ଭବ।

ତେବେ ସୁରଙ୍କର ଏହି ବିବାଦୀୟ ମନ୍ତବ୍ୟ ପରେ ବିଜେଡି ପକ୍ଷରୁ କଡା ଜବାବ ଦିଆଯାଇଛି। ବିଜେଡି କୌଣସି ଦଳର ଲିଙ୍କରେ ନାହିଁ। କଂଗ୍ରେସ ଏକ ଜାତୀୟ ଦଳ ହୋଇଥିବା ବେଳେ ବିଜେଡି ଏକ ଆଞ୍ଚଳିକ ଦଳ। ମୁଖ୍ୟମନ୍ତ୍ରୀ ସବୁ ସମୟରେ ବିଜେଡିର ବିକାଶ ପାଇଁ ଚିନ୍ତା କରିଥାନ୍ତି। କଂଗ୍ରେସ ନିଜ ଦଳର କନ୍ଦଳକୁ ଲୁଚାଇବା ପାଇଁ ବିଜେଡି ଉପରେ ଦୋଷ ଲଦିବା ଅନୁଚିତ ବୋଲି କହିଛନ୍ତି ବିଜେଡି ନେତା ଦେବାଶିଷ ସାମନ୍ତରାୟ।

## କଟକ ମେୟରଙ୍କ ମାନବିକତା

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ(ସିଏମ୍‌ସି)ର ମେୟର ସୁବାସ ସିଂଙ୍କ ମାନବିକତା ଦେଖିବାକୁ ମିଳିଛି। ନିଜେ ଉଠାଇଲେ ରାସ୍ତାରେ ମରି ପଡିଥିବା କୁକୁରର ମୃତଦେହ। ଅପେକ୍ଷା କଲେନି ସିଏମ୍‌ସିର ଶବଉଠା ଗାଡିକୁ। ମେୟରଙ୍କ କାର୍ଯ୍ୟକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶଂସା କରାଯାଉଛି।



କଟକ ତେଲେଙ୍ଗାବଜାର ରାସ୍ତାରେ ଦୁର୍ଘଟଣା ସାମ୍ନା କରି ଏକ କୁକୁରର ମୃତ୍ୟୁ ହୋଇଥିଲା। ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଉପରେ କୁକୁରର ମୃତଦେହ ପଡିଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ ଉଠାଯାଇ ନ ଥିଲା। ସେହି ରାସ୍ତା ଦେଇ ମେୟର ସୁବାସ ସିଂ ସିଏମ୍‌ସି କାର୍ଯ୍ୟାଳୟକୁ ଯାଉଥିବା ବେଳେ ତାଙ୍କ ନଜରକୁ ଏହା ଆସିଥିଲା। ସେ ଗାଡି ଅଟକାଇ ନିକଟସ୍ଥ ଦୋକାନରୁ ଏକ ଜରି ଆଣି ସେଥିରେ କୁକୁର ମୃତଦେହ ଭର୍ତ୍ତି କରି ସିଏମ୍‌ସି ଅଫିସ୍ ନେଇଥିଲେ। ସେଠାରେ ଥିବା ଅଫିସରମାନଙ୍କୁ ଏ ସମ୍ପର୍କରେ ଜଣାଇଥିଲେ।

କଟକ ମହାନଗର ନିଗମ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ଏକ କୁକୁରର ମୃତଦେହ ଦୀର୍ଘ ୪ ଘଣ୍ଟା ଧରି ପଡିରହିଥିଲା। ହେଲେ କେମିତି କୌଣସି ସିଏମ୍‌ସି କର୍ମଚାରୀଙ୍କ ନଜରକୁ ଆସିଲା ନାହିଁ, ତାହା ମେୟରଙ୍କୁ ଚକିତ କରିଥିଲା। କୁକୁରଟି ପଡିଥିବା ୱାର୍ଡରେ ୮ରୁ ୧୦ ଜଣ କର୍ମଚାରୀ ଥାଉ ଥାଉ ଦିନ ୧୦ ବେଳେ କାହାରି ନଜରକୁ ଏହା ଆସୁନାହିଁ, ଏଥିପାଇଁ କିଏ ଉତ୍ତରଦାୟୀ ରହିବେ। ନିଜେ କୁକୁରର ମୃତଦେହ ଉଠାଇ ଏକ ସଚେତନତାର ବାର୍ତ୍ତା ଦେବାକୁ ଚାହୁଁଛି ବୋଲି କହିଛନ୍ତି ସୁବାସ ସିଂ। ସିଏମ୍‌ସିର ସମସ୍ତ କର୍ମଚାରୀ ଓ ଅଧିକାରୀ କ୍ରିୟାଶୀଳ ହେବାକୁ ମେୟର ସଜାଗ କରିଛନ୍ତି।

## ଶାଶୁ ସହିତ ଶୋଇଥିଲା ଜ୍ୱାଇଁ, ଦେଖିଦେଲା ଶ୍ୱଶୁର

**ବାରିପଦା(ସଂପର୍କବାର୍ତ୍ତା):-** ଶାଶୁ ସହିତ ବେଡ୍‌ରେ ଶୋଇଥିଲା ଜ୍ୱାଇଁ। ଆଉ ଏହା ଦେଖିନେଲା ଶ୍ୱଶୁର। ଜ୍ୱାଇଁ ଏ ଚୋରା ପୀରତି ଦେଖିବା ପାରେ ଶ୍ୱଶୁରଙ୍କ ମୁଣ୍ଡକୁ ପିତ ଚଢି ଯାଇଥିଲା। ଆଉ ସମୟ ସୁବିଧା ଦେଖି ଜ୍ୱାଇଁଙ୍କୁ କୁରାଢୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି ଏକ ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲାରେ। ଶ୍ୱଶୁର ଓ ଜ୍ୱାଇଁଙ୍କ ଘର କୁଳିଆଣା ଥାନା ଅଞ୍ଚଳରେ ଗୋଟିଏ ଗାଁରେ। ଜ୍ୱାଇଁର ଅନୈତିକ ପ୍ରେମ ସଂପର୍କ ପାଇଁ ଦୀର୍ଘ ଦିନ ଧରି ଘର ଭିତରେ ଗଣ୍ଡଗୋଳ ଲାଗି ରହୁଥିଲା। କିନ୍ତୁ ଆଜି ସବୁ ସୀମା ଅତିକ୍ରମ କରିଥିଲା। ଶାଶୁ ସହିତ ଗୋଟିଏ ବେଡ୍‌ରେ ଶୋଇଥିଲା। ଏହା ଦେଖି ବିଚଳିତ ହୋଇ ପଡିଥିଲା ଶ୍ୱଶୁର। ଆଉ ତାକୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲା।

ରକ୍ତ ଚାଉଳ ଚୋବାଉଥିବା ଶ୍ୱଶୁର, ଜ୍ୱାଇଁଙ୍କୁ ଚାରିଆଡେ ଖୋଜିଥିଲା। ମାତ୍ର ପାଇନଥିଲା। ପରେ ଜାଣିବାକୁ ପାଇଲା, ଗାଁ ମୁଣ୍ଡରେ ନୂଆକରି ତିଆରି ହେଉଥିବା ଘରେ ଶୋଇଛି



ଜ୍ୱାଇଁ। ଏହା ଶ୍ୱଶୁର କୁରାଢୀ ଧରି ସେଠାରେ ପହଞ୍ଚିଗଲା। ଆଉ ଶୋଇଥିବା ଅବସ୍ଥାରେ ଜ୍ୱାଇଁଙ୍କୁ ଚୋଟ ପରେ ଚୋଟ ପକାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜ୍ୱାଇଁ ସେଠାରେ ପଡିଥିବା ବେଳେ କୁଳିଅଣା ଥାନାରେ ହାଜର ହୋଇଥିଲା ଶ୍ୱଶୁର। ଆଉ କହିଥିଲା, ମୁଁ ମୋ ଜ୍ୱାଇଁଙ୍କୁ ହତ୍ୟା କରିଛି।

ଏ କଥା ଜାଣିବା ପରେ ପୋଲିସ୍ ସଦଳବଳେ ଗାଁରେ ପହଞ୍ଚିଥିଲା। ଆଉ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜ୍ୱାଇଁଙ୍କୁ ଉଦ୍ଧାର କରି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜ୍ୱାଇଁର ମୃତ୍ୟୁ ଘଟିଛି। ପୋଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ୱଶୁରକୁ ଗିରଫ କରିଛି।

## ୧୭ ବର୍ଷର ନାବାଳିକା ଗର୍ଭବତୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ତାମିଲନାଡୁ ତାଞ୍ଜାବୁର ଅଞ୍ଚଳରେ ଜଣେ ୧୭ ବର୍ଷୀୟ ନାବାଳିକାକୁ ଜଣେ ୧୨ ବର୍ଷର ବାଳକ ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ପୋକ୍ସୋ ଅଧିନିୟମ ଅନୁସାରେ ମାମଲା ରୁଜୁ ହୋଇଛି। ନାବାଳିକାଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କ ବାପା ମା ତାଙ୍କୁ ସ୍ଥାନୀୟ ମେଡିକାଲକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ଏହାପରେ ମାମଲା ସାମ୍ନାକୁ ଆସିଥିଲେ। ତାମିଲନାଡୁ ପୋଲିସ୍ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମେଡିକାଲରେ ଭର୍ତ୍ତି ହେବା ପରେ ନାବାଳିକା ଜଣକ ୯ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ସେହି ଦିନ ସେ ଏକ କନ୍ୟାକୁ ଜନ୍ମ ଦେଇଥିଲେ। ତାଞ୍ଜାବୁର ମହିଳା ପୋଲିସ୍‌କୁ ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ନାବାଳିକାର ଏହି କାରଣ ପାଇଁ ଏକ ୧୨ ବର୍ଷର ବାଳକ ଦାୟୀ ଥିଲା। ଏହା ପରେ ପୋଲିସ୍ ୧୨ ବର୍ଷର ବାଳକ ବିରୁଦ୍ଧରେ ପୋକ୍ସୋ ଅଧିନିୟମ ଅନୁସାରେ ମାମଲା ରୁଜୁ କରିଥିଲା।

## କଟକରେ ବିନା ଫଳକରେ ଚାଲିଛି ସରକାରୀ କାମ

**କଟକ(ସଂପର୍କବାର୍ତ୍ତା):-** ବର୍ଷକ ମଧ୍ୟରେ ଏକାଧିକ ସ୍ଥାନରେ ଡ୍ରେନ୍ ମରାମତି ପାଇଁ କାର୍ଯ୍ୟାଦେଶ ବାହାରିଛି। କିଛି ଯନ୍ତ୍ରୀଙ୍କ ଦ୍ୱାରା ମରାମତି ହୋଇଛି ତ ଆଉ କିଛି ଠିକାଦାରଙ୍କ ଦ୍ୱାରା ମରାମତି ହୋଇଛି। କିନ୍ତୁ ଏଥିରେ ବଡ଼ ଧରଣର ଗଫଲତି ହୋଇଥିବା ଅଭିଯୋଗ ହୋଇଛି। କାରଣ କେଉଁଠି କାମ ସମ୍ପୂର୍ଣ୍ଣ ହୋଇନି ତ ଆଉ କେଉଁଠି ନିମ୍ନମାନର କାମ ହୋଇଛି। ଅଧାପନ୍ତରିଆ କାମ ଲୋକଙ୍କ ହିତରେ ଲାଗୁ ନଥିଲାବେଳେ କାମ ଅଧାରୁ ଲକ୍ଷାଧିକ ଟଙ୍କା ବିଲ୍ କରିସାରିଲେଣି ଯନ୍ତ୍ରୀ ଓ ଠିକାଦାର। ଏହିଭଳି କିଛି ଚିତ୍ର ଦେଖିବାକୁ ମିଳିଛି ସିଏମ୍‌ସି ୱାର୍ଡ଼ ନମ୍ବର ୨୫ରେ। ବର୍ଷକ ମଧ୍ୟରେ ୭ ରୁ ଅଧିକ ସ୍ଥଶନରେ ଡ୍ରେନ୍ ମରାମତି ଓ ସ୍ଲାବ୍ ପଡ଼ିଥିବାବେଳେ ଏଥିରେ ବଡ଼ ଧରଣର ଗଫଲତି ହୋଇଥିବା ଅଭିଯୋଗ ହୋଇଥିଲା ଯାହାକୁ ନେଇ ସିଏମ୍‌ସି ଯନ୍ତ୍ରୀ ବିଭାଗରେ ଉକ୍ତ ୱାର୍ଡ଼ର କର୍ପୋରେଟର ସତ୍ୟରାମ ସାହୁ ତନାଘନା କରିଥିବା ଜଣାପଡ଼ିଛି। ସିଏମ୍‌ସି ୨୫ ନମ୍ବର ଓ୍ୱାର୍ଡ଼ରେ ୨୦୨୧-୨୨ ବର୍ଷ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୮ ରୁ ଅଧିକ ପ୍ରକଳ୍ପରେ ଡ୍ରେନ୍ ମରାମତି କାମ ହୋଇଛି। ଏଥିମଧ୍ୟରୁ ୮୮ ହଜାର ଟଙ୍କାରେ ବଢ଼େଇ ସାହିରେ ସ୍ଲାବ୍ ପଡ଼ିଛି। ସେହିଭଳି ଆଇଡିଆଲ୍ ନର୍ସିଂହୋମ୍ ନିକଟରେ ୮ ଲକ୍ଷ ଟଙ୍କାରେ ଡ୍ରେନ୍ ମରାମତି, ୧ ଲକ୍ଷ ୭୦ ହଜାର ଟଙ୍କାରେ ଆଖଡ଼ା ଗଳିରୁ କଂଗ୍ରେସ ଗଳି ପର୍ଯ୍ୟନ୍ତ ଡ୍ରେନ୍ ମରାମତି, ୬ ଲକ୍ଷ ୧୩ ହଜାର ଟଙ୍କାରେ ଉଚ୍ଚ ସାହିରୁ ମହାମାୟା ସ୍କୁଲ ପର୍ଯ୍ୟନ୍ତ ଡ୍ରେନ୍ କାମ, ୧୧ ଲକ୍ଷ ଟଙ୍କାରେ କଂଗ୍ରେସ ଗଳିରୁ କୁଞ୍ଜବିହାରୀ ଗଳି ପର୍ଯ୍ୟନ୍ତ ଆଦି ଅନେକ କାମ ହୋଇଥିବା ସିଏମ୍‌ସି ସୂଚନା ଦେଇଛି। କିନ୍ତୁ ଅନେକ ସ୍ଥାନରେ କାମ ହୋଇ ନଥିବା ଉକ୍ତ ଓ୍ୱାର୍ଡ଼ର ଲୋକମାନେ ଅଭିଯୋଗ କରିଛନ୍ତି। ଯେଉଁଠି ବି ହୋଇଛି ତାହା ଅନେକ ଦିନ ହେବ ଅଧାପନ୍ତରିଆଭାବେ ପଡ଼ିରହିଛି। ଉଦାହରଣସ୍ୱରୂପ ଉଚ୍ଚ ସାହିରୁ ମହାମାୟା ସରକାରୀ ସ୍କୁଲ୍ ପର୍ଯ୍ୟନ୍ତ ପ୍ରାୟ ୨ ଶହ ମିଟର ଡ୍ରେନ୍ ନିର୍ମାଣ ପାଇଁ ଯନ୍ତ୍ରୀ ବିଭାଗ ଦ୍ୱାରା ୬ ଲକ୍ଷ ୧୩ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ନିର୍ମାଚନ ପୂର୍ବରୁ ତରବରିଆ ଭାବେ ଏହାର କାର୍ଯ୍ୟାଦେଶ ବାହାରିଥିଲା। ଯାହାଦ୍ୱାରା ନିର୍ମାଚନ ପରେ ଉକ୍ତ ଡ୍ରେନ୍‌କୁ ଯନ୍ତ୍ରୀ ବିଭାଗ ଦ୍ୱାରା ପଙ୍କୋଦ୍ଧାର କରାଯାଇ କେବଳ କଂକ୍ରିଟ୍ ସ୍ତରରେ ଡ୍ରେନ୍‌ର ମରାମତି ହେଲା। ୨୦୦ ମିଟର ମଧ୍ୟରେ ମାତ୍ର ୫ ରୁ ୬ଟି ସ୍ଲାବ୍ ପଡ଼ିଲା। ଏହା ମଧ୍ୟରେ ପ୍ରାୟ ୧୫ ଦିନ ବିତିଗଲାଣି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଡ୍ରେନ୍‌ରୁ ପାଣି ଟୋପେ ନିଷ୍କାସିତ ହୋଇପାରୁନି। ଏମିତିକି ସ୍କୁଲ୍ ସାମ୍ନାରେ ନର୍ଦ୍ଦମା ଜଳ ଲହଡ଼ି ମାରୁଛି। ମରାମତି ସମୟରେ ଭାଙ୍ଗିଯାଇଥିବା କଂକ୍ରିଟ୍ ଉଠା ନ ହେବାରୁ ଏବେ ପୁଣି ତାହା ଡ୍ରେନ୍‌ରେ ପୋତି ହେବାକୁ ବସିଛି। ଏମିତିକି କାମ ଶେଷ ହେବାକୁ ବସିଥିଲାବେଳେ କୌଣସି ସ୍ଥାନରେ ଫଳକ ନାହିଁ ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ଲଳିତ ନାୟକ କହିଛନ୍ତି ଯେ, ନିମ୍ନମାନର କାମ ହୋଇଥିବା ଯୋଗୁଁ ଅଭିଯୋଗ ହେଉଛି ତାହା ଠିକ୍ ନୁହେଁ। କାମ ଏଯାବତ୍ ଶେଷ ହୋଇନାହିଁ। ଶେଷ ହେବାପରେ ଫଳକ ହେବ ବୋଲି କହି ସେ ନିଜ କାମ ସାରିଦେଇଛନ୍ତି। ପ୍ରକୃତରେ ଆଗକୁ ସ୍ଲାବ୍ ପଡ଼ିବ ନା ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପରିବାର କାନ୍ଦୁଛି, ତାକୁ ନେଇ ବିଜେପିର ରାଜନୀତି, ଛି, ଲଜ୍ଜା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ରୋଷେୟା ଲଳିତ ସାହୁ ମୃତ୍ୟୁ ମାମଲାରେ ଆସିଛି ନୂଆ ମୋଡ। କାରଣ ପୁଅର ଆତ୍ମହତ୍ୟାକୁ ନେଇ ବିଜେପି ରାଜନୀତି କରୁଥିବା ଅଭିଯୋଗ କରିଛନ୍ତି ମୃତ ଲଳିତଙ୍କ ବାପା। ଏପରିକି ବିଜେପି ନେତା ଟଙ୍କଧର ତ୍ରିପାଠୀ, ତ୍ରିନାଥ ଗୁଆଲ, ଅଞ୍ଜଳି ବେହେରା ଏବଂ ଅନ୍ୟ ବିଜେପି ନେତାମାନେ ତାଙ୍କୁ ଗଭୀର ମାନସିକ ଚାପ ଦେଉଥିବା ଅଭିଯୋଗ କରି ଝାରସୁଗୁଡା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ମାସନିକ ଚାପ ଫଳରେ ପରିବାରର କେହି ସଦସ୍ୟ ଆତ୍ମହତ୍ୟା କଲେ ଏହି ନେତାମାନେ ଦାୟୀ ରହିବେ ବୋଲି ଏତଲାରେ ଦର୍ଶାଇଛନ୍ତି ମୃତ ଲଳିତଙ୍କ ବାପା ବେଲାର୍ସେନ ସାହୁ। ପୁଅ କୌଣସି କର୍ମ ସଂସ୍ଥାନ ପାଉନଥିବା ବେଳେ ସୌଭାଗ୍ୟରୁ ମନ୍ତ୍ରୀ ନବ ଦାସଙ୍କ ଘରେ ରୋଷେୟା ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଅବାଟରେ ଯାଇ ମାନସିକ ଚାପରେ ରହୁଥିଲେ ଓ ଶେଷରେ ଆତ୍ମହତ୍ୟା କରିଦେଲେ ବୋଲି ଏତଲାରେ ଲେଖାଯାଇଛି।




ତେଣୁ ଏକ ଆତ୍ମହତ୍ୟାକୁ ବିଜେପି ନେତାମାନେ ବାରମ୍ବାର ଆତ୍ମହତ୍ୟା ନୁହେଁ ବୋଲି ପ୍ରଚାର କରୁଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଝାରସୁଗୁଡା ଟାଉନଥାନାରେ ଲିଖିତ ଅଭିଯୋଗ କରିବା ସହ ଥାନା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଛନ୍ତି ବେଲାର୍ସେନ ସାହୁ। ଏଭଳି ସ୍ୱାର୍ଥ ସର୍ବସ୍ୱ ନେତାମାନଙ୍କଠାରୁ ସୁରକ୍ଷା ଯୋଗାଇ ଦେବା ପାଇଁ ମଧ୍ୟ ଚିଠିରେ ଅନୁରୋଦ କରିଛନ୍ତି। ସେପଟେ କାହିଁକି ଲଳିତଙ୍କ ମୃତଦେହକୁ ରାତି ଅଧିଆ ବ୍ୟବଚ୍ଛେଦ କରାଗଲା ତାକୁ ନେଇ ପ୍ରଶ୍ନ ଉଠୁଛି।

ଏହି ପ୍ରସଙ୍ଗରେ ମଧ୍ୟ ଏତଲାରେ ସ୍ପଷ୍ଟ କରିଛନ୍ତି ମୃତକଙ୍କ ବାପା। ବଡପୁଅ ବିରଞ୍ଚି ସାହୁ ଶବ ବ୍ୟବଚ୍ଛେଦ କରିବାକୁ ଝାରସୁଗୁଡା ପୋଲିସ୍ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ତେଣୁ ଖରାଦିନେ ଶବ ନଷ୍ଟ ହୋଇଯିବା ଆଶଙ୍କାରେ ରାତାରାତି ଶବ ବ୍ୟବଚ୍ଛେଦ କରାଗଲା ବୋଲି କହିଛନ୍ତି ଝାରସୁଗୁଡା ଅତିରିକ୍ତ ଏସ୍‌ପି। ଏଥି ପାଇଁ ମୃତକଙ୍କ ପରିବାର ସଦସ୍ୟଙ୍କ ସମ୍ମତି ରହିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ମୃତଦେହ ବ୍ୟବଚ୍ଛେଦ କରାଗଲା ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି।

## ରାଜ୍ୟରେ ଅଲୋଡା ନେତାଙ୍କ ମେଳି, ଆୟୁଷ ଥିଲେ ହେଲା !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡ଼ିଶାରେ ଧିରେ ଧିରେ କାୟା ବିସ୍ତାର କରିବାକୁ ଚାହୁଁଛି ଆପ। ବଳ ଜୁଟାଉଛି, ଆଉ ସବୁ ଆଲୋଡାଙ୍କୁ ଯୋଡି ଆଗକୁ ବଢିବାକୁ ଚଳାଉଛି ରଣନୀତି। ଓଡ଼ିଶାରେ ସୁଦୃଢ ହେବ ଆମ୍ ଆଦମୀ ପାର୍ଟି। ଏଥି ପାଇଁ ଆରମ୍ଭ ହୋଇଯାଇଛି ନୂଆ ପ୍ରକ୍ରିୟା। ବିଭିନ୍ନ ଦଳରେ ଅବହେଳିତ ବା କୋଣଠେସା ହୋଇଥିବା ନେତାଙ୍କୁ ନେଇ ନୂଆ ରୂପ ଦେବ ଆପ। ଅନ୍ୟ ଦଳରେ ଅଲୋଡା ବା ପ୍ରତ୍ୟାଖ୍ୟାତ ହୋଇଥିବା ନେତା ବି ଆପ୍‌କୁ ଭରଷା କରିଛନ୍ତି। ସବୁ ଦଳରୁ ପ୍ରତ୍ୟାଖ୍ୟାତ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଏକାମାତ୍ର ଭରଷା ହେଉଛି ଆପ କାରଣ ସେ ମଧ୍ୟ ଅନୁଭବ କଲେଣି ଦେଶରେ କଂଗ୍ରେସ ରସା ତଳକୁ ଗଲାଣି, ବିଜେଡିକୁ ତାଙ୍କର ଏଣ୍ଟ୍ରି ନାହିଁ ଓ ବିଜେପି ତା ତାଙ୍କ ପାଇଁ ବହୁ ଦୂର। ସେପଟେ ଆପ ତା ଦୂର ଦୃଷ୍ଟି ଯୋଜନାକୁ ନେଇ ସବୁଠି ଲୋକପ୍ରିୟ ହୋଇପାରିଛି। ତେଣୁ ଆଗାମୀ ଦିନରେ ଆପ ହିଁ ତାଙ୍କ ପାଇଁ ଏକମାତ୍ର ଭରସା ବୋଲି ଚର୍ଚ୍ଚା ହେଲାଣି। ଏପରିକି ତାଙ୍କ ପକ୍ଷରୁ କାଳେ ଉପକ୍ରମ ହେଲାଣି ବୈଠକ ବି ଆରମ୍ଭ କରିଦେଲେଣି। ଏହା ବ୍ୟତିତ ଆପ ଆଡକୁ ଢଳୁଛନ୍ତି ଆଉ ଜଣେ ପୁରୁଖା। ବିଜେଡି ପରେ ବିଜେପିରୁ ଅଲୋଡା ହୋଇପଡିଥିବା ପୁରୁଖା ନେତା ବିଜୟ ମାହାପାତ୍ର କାଳେ




ଆପ ଆଡକୁ ଆକର୍ଷିତ ହେଉଛନ୍ତି। ଆପ ତାଙ୍କୁ ପାଇ ଲାଭବାନ ହେବ ବୋଲି କୁହାଯାଉଛି। କାରଣ ସେ ଜଣେ ବିଚକ୍ଷଣ ରାଜନେତା। ବିଜୟ ଏବେ ବିଜେପିରେ ଅବହେଳିତ ଅବସ୍ଥାରେ ଅଛନ୍ତି। କାରଣ ବିଜେଡି ଛାଡିବା ପରେ ସେ ଆଉ ଉଧେଇ ପାରିନାହାଁନ୍ତି। ବିଜୟ ଓଡ଼ିଶା ଗଣପରିଷଦ କରି ଏକ ଦଳ ଗଢିଥିଲେ ମାତ୍ର ସେଠାରୁ ସମସ୍ତେ ତାଙ୍କୁ ଛାଡି ବିଜେଡିକୁ ଫେରିଗଲେ ସେ ଏକେଲା ରହିଗଲେ। ଏଭଳି ପରିସ୍ଥିତିରେ ବିଜେଡିକୁ ବିରୋଧ କରୁଥିବା ବିଜେପି ସହ ମିଶିଗଲେ କାଳେ ସେ ବିଜେଡିରୁ ପ୍ରତିଶୋଧ ନେଇପାରିବେ ବୋଲି ତାଙ୍କ ସମର୍ଥକ କହୁଥିଲେ। ବିଜେପି ବିୟଙ୍କଠାରୁ ରାଜନୈତିକ ଫାଇଦା ଉଠାଇବାକୁ ହାତ ବଢେଇଥିଲା ହେଲେ ସମୀକରଣ କାମ କଲାନି। ତେଣୁ ବିଜେପିକୁ ଗଲା ପରେ ବିଜୟ ଅଧିକ ଅସହାୟ ହୋଇପଡିଛନ୍ତି।

ସେହିପରି ବିଜେପି ନେତା ଖାରବେଳ ସ୍ୱାଇଁ ବିଜେପିରେ ଥିଲେ ବି ଅଲୋଡା ହୋଇପଡିଛନ୍ତି। ସେ ମଧ୍ୟ ପଦ୍ମ ଛାଡିଝାଡୁ ଧରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେପଟେ କଂଗ୍ରେସରେ ଅତିଷ୍ଠ ହୋଇପଡିଥିବା ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ମଧ୍ୟ ଆପରେ ପାଦ ଥାପିବେ ବୋଲି କୁହାଯାଉଛି। ବିଭିନ୍ନ ଦଳରେ ଆଲୋଡା ହେଉଥିବା ବହୁ ପୁରୁଖା ନେତାଙ୍କ ପାଇଁ ଆପ ଏକ ମାତ୍ର ସୁଯୋଗ ପାଲଟିଛି। ଯଦି ଏମାନଙ୍କୁ ଏକଜୁଟ କରି ଆପ ସଂଗଠନ ସୁଦୃଢ କରେ ତେବେ ଓଡ଼ିଶାରେ ବିଜେପି ଓ ବିଜେଡି ଉପରେ ଏହା ଭାରୀ ପଡିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏହି ମେଳି କରୁଥିବା ନେତାଙ୍କ ଆୟୁଷ ଥିଲେ ହେଲା ବୋଲି କେତେକ କହୁଛନ୍ତି।

## ସାମ୍ନାକୁ ଆସିଲା ସ୍ତ୍ରୀର କଳାକାରନାମା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପରକ୍ରୀୟା ପ୍ରୀତି ପାଇଁ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ସୁପାରୀ ଦେଇ ହତ୍ୟା ଉଦ୍ୟମ କରିଛନ୍ତି ସ୍ତ୍ରୀ। ଏଭଳି ଅସାମାଜିକ ଖବର ଆସିଛି ରାଜଧାନୀ ଉପକଣ୍ଠ ସୁନ୍ଦରପଦାରୁ। ଜନୈକ ମହିଳା ଜଣକ ଘରର ଡ୍ରାଇଭର ସହିତ ପ୍ରେମରେ ଏମିତି ଉବୁଟୁବୁ ହୋଇଥିଲେ ଯେ ନିଜ ସ୍ୱାମୀଙ୍କୁ ଜୀବନରୁ ମାରିବାକୁ ଲକ୍ଷ ଟଙ୍କା ସୁପାରୀ ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ନାଁରେ ତାଙ୍କ ସ୍ୱାମୀ ମଞ୍ଜେଶ୍ୱର ଥାନାରେ ଏତଲା ଦେବା ପରେ ଘଟଣା ସାମ୍ନାକୁ ଆସିଥିଲା। ସୂଚନା ଅନୁସାରେ ମହିଳା ଜଣକ ସୁନ୍ଦରପଦାର ଏକ ଆପାର୍ଟମେଣ୍ଟରେ ଡ୍ରାଇଭରଙ୍କ ସହିତ




### ସୁପାରୀ କିଲର ଲଗାଇ ସ୍ୱାମୀଙ୍କୁ ହତ୍ୟା ଷଡଯନ୍ତ୍ର ବିଫଳ

ରହୁଥିଲେ। ଉକ୍ତ ଡ୍ରାଇଭର ଅଶୋକ ସାହୁଙ୍କୁ ତାଙ୍କର ସ୍ୱାମୀ ପରିଚୟ ଦେଇ ସେଠାରେ ରହୁଥିଲେ। ମହିଳାଙ୍କ ସ୍ୱାମୀ ରେଲ୍‌ୱେର ସିନିୟର ଇଲେକ୍ଟ୍ରିକାଲ୍ ଇଂଜିନିୟର ଭାବରେ କାର୍ଯ୍ୟ କରନ୍ତି। ମହିଳା ଜଣକ ଡ୍ରାଇଭର

ପୋଲିସ୍ ସେହି ଚଢାଉ କରି ଅଶୋକଙ୍କୁ ଗିରଫ କରିଥିଲା ବେଳେ ମହିଳା ଜଣକ ଫେରାର୍ ହୋଇଯାଇଛନ୍ତି। ସୂଚନାଯୋଗ୍ୟ ପ୍ରେମରେ ପଡି ନିଜ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଏକ ଲକ୍ଷ ଟଙ୍କାର ସୁପାରୀ ଦେଇଥିଲେ। ପୋଲିସ୍ ସ୍ୱାମୀଙ୍କର ଅଭିଯୋଗକୁ ଆଧାର କରି ଡ୍ରାଇଭରକୁ ଗିରଫ କରିଥିବା ବେଳେ ସୁପାରୀକିଲର ଏବଂ ସ୍ତ୍ରୀ ଖସି ପଳାଇଥିଲେ। ତେବେ ଏହି ଘଟଣାରେ ମହିଳା ଜଣକ ତାଙ୍କର ପକ୍ଷ ଗଣମାଧ୍ୟମ ଆଗରେ ରଖିଛନ୍ତି। ସେ ଏହି ଘଟଣାକୁ ଅସତ୍ୟ ବୋଲି କହିଛନ୍ତି। ସେ ନିଜ ବିରୋଧରେ ଉଠିଥିବା ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥି ସହିତ ଅସତ୍ୟ ଖବରକୁ ପ୍ରଚାର ନ କରିବାକୁ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।

## ପୁରୀରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୨୦ ତାରିଖ ମଧ୍ୟାହ୍ନରେ ଲୋକସେବା ଭବନ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷଠାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତା ଏବଂ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ସତ୍ୟବାଦୀ ବ୍ଲକ୍‌ରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବ୍ରହ୍ମଗିରି ବ୍ଲକ୍‌ର ୫୯ଟି ଗ୍ରାମ, ସତ୍ୟବାଦୀ ବ୍ଲକ୍‌ର ୪୬ଟି ଗ୍ରାମ, ଋଷିକୂଲ୍ୟା ନଦୀରୁ ଗଞ୍ଜାମ ଜିଲ୍ଲାର ୩୦ଟି ଗ୍ରାମ ଓ କୃଷ୍ଣପ୍ରସାଦ ବ୍ଲକ୍‌ର ୯୦ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେବା ସହ କଣାସ, ବ୍ରହ୍ମଗିରି ଓ ସତ୍ୟବାଦୀ ବ୍ଲକର ୧୨୬ଟି ଗ୍ରାମକୁ ଭାର୍ଗବୀ ନଦୀରୁ ବିଶୁଦ୍ଧ ପାନୀୟ ଜଳଯୋଗାଣ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଶ୍ରୀ ଦାସବର୍ମା କହିଥିଲେ ଯେ ଉଭୟ ଚିଲିକା ଓ ସମୁଦ୍ର ପାଣି ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେସବୁ ଅଞ୍ଚଳରେ ପୂର୍ବରୁ ଥିବା ପ୍ରକଳ୍ପଗୁଡିକ ମାଧ୍ୟମରେ ଜଳ ବିତରଣ ଏବଂ ସେସବୁ ପ୍ରକଳ୍ପର ରକ୍ଷଣାବେକ୍ଷଣ ପ୍ରତି ସତନ୍ତ୍ର ଧାନ ଦିଆଯିବା ଉଚିତ।





ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera